## ସଂକ୍ଷେପରେ

### ବୃଦ୍ଧଙ୍କ ସଳିଳ ସମାଧି

ବସ୍ତା,୧୯।୮(ସ୍ୱ.ପ୍ର.): ବାଲେଶ୍ୱର ଜିଲା ସିଂଲା ଥାନା ମାଛରଙ୍କା ଗ୍ରାମର ମୂରଲୀଧର ବେହେରା (୬୫) ନାମକ ବୃଦ୍ଧ ନାଳରେ ବୁଡ଼ି ଯାଇ ମୃତ୍ୟୁବରଣ କରିଛନ୍ତି। ମୂରଲୀଧର ଗ୍ରାମ ନିକଟସ୍ଥ ବୁଙ୍ଗା ନାଳ ପାରି ହୋଇ ସୋମବାର ସକାଳେ ବିଲକୁ ଯାଉଥିବା ବେଳେ ନାଳରେ ପ୍ରଖର ସ୍ରୋତ ଥିବାରୁ ଭାରସାମ୍ୟ ହରାଇ ଭାସିଯାଇଥିଲେ। ତାଙ୍କୁ ଖୋଜାଖୋଜି କରିବା ପରେ ଅପରାହ୍ନରେ ତାଙ୍କୁ ମୃତ ଅବସ୍ଥାରେ ନଦୀରୁ ଉଦ୍ଧାର କରାଯାଇଥିଲା। ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ. ୧୮/୧୯) ରୁଜୁ କରିଛି।

### ଗୋଟିଏ ରାତିରେ ୫ ସ୍ଥାନରୁ ଚୋରି

ସୋର, ୧୯।୮(ଡି.ଏନ.ଏ.): ସୋର ଥାନା ତଳନଗର କଲେଜ ସହ ନିକଟସ୍ଥ ୪ଟି ଦୋକାନରୁ ରବିବାର ରାତିରେ ଚୋରି ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ କଲେଜ ମୁଖ୍ୟ ଗେଟ ଗ୍ରୀଲ ଭାଙ୍ଗି କଲେଜ ଭିତରେ ପଶି କାର୍ଯ୍ୟାଳୟ ତାଲା ଭାଙ୍ଗିଥିଲେ। ଏହା ପରେ ସିସିଟିଭି ସହ କମ୍ପ୍ୟୁଟର ହାର୍ଡଡିସ୍କ ଚୋରି କରିଥିବା ବେଳେ ୭ଟି ଲୁହା ଆଲମିରା ଭାଙ୍ଗି କାଗଜପତ୍ର ନଷ୍ଟ କରିଛନ୍ତି। ଏନେଇ କଲେଜ ଅଧକ୍ଷ ଅଶୋକ କୁମାର ରାଉତ ସୋର ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଏହାସହ ନିକଟରେ ଥିବା ଭରତ ବିଶ୍ୱାଳଙ୍କ ଜଳଖିଆ ଦୋକାନ କ୍ୟାବିନ୍ ଭାଙ୍ଗି ନଗଗ କ୍ୟାଶ ଚୋରି କରିଛନ୍ତି। ମହେଶ୍ୱର ବିଶ୍ୱାଳଙ୍କ ଭେରାଇଟି ଷ୍ଟୋର ଭାଙ୍ଗି ସାମଗ୍ରୀ ସହ ୧୫ ହଜାର ଟଙ୍କା, ସତ୍ୟାନନ୍ଦ ନାୟକଙ୍କ ଦୋକାନ ଓ ମଳୟ ବିଶ୍ୱାଳଙ୍କ ଦୋକାନ ଭାଙ୍ଗି ଚୋରି ହୋଇଥିବା ମଧ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି।

### ଅବକାରୀ ବିଭାଗର ଚଢ଼ାଉ ୪ ଚୋରା ମଦ ବେପାରୀ ଗିରଫ

ସଜନାଗଡ଼,୧୯।୮(ଡି.ଏନ.ଏ.): ଅବକାରୀ ବିଭାଗ ପକ୍ଷରୁ ଔପଦା ଅଞ୍ଚଳରେ ଚଢ଼ାଉ କରାଯାଇ ୪ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୮୮ ଲିଟର ଦେଶୀମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଔପଦା ଅଞ୍ଚଳର ଅଘିରାପଦା ଗ୍ରାମର ଅଜୟ କୁମାର ମଲ୍ଲିକ (୪୩), ଚେଞ୍ଚଡ଼ା ଗ୍ରାମର ରାଇବରୀ ସିଂ (୩୦), ସୋରିଷପାଳ ଗ୍ରାମର ସର୍ବେଶ୍ୱର ପାତ୍ର ଓ ଜାନୀକାପାଳ ଗ୍ରାମର ହରିହର ନାୟକ। ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶ, ଅବକାରୀ ବିଭାଗ ଭ୍ରାମ୍ୟମାଣ ଥାନା ଆଇଆଇସି ଉଦେଲାଲ ନାୟକଙ୍କ ତତ୍ତ୍ୱାବଧାନରେ ନୀଳଗିରି ଅବକାରୀ ବିଭାଗ ଓ ଆଇଆଇସି ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଜୟନ୍ତୀ ଆଚାର୍ଯ୍ୟ, ଜେ.ଏମ୍ ଦାସପଟ୍ଟନାୟକ, ବିଜୟ ମଲ୍ଲିକ, ଉର୍ମିଳା ବେହେରା, ନିତ୍ୟାନନ୍ଦ ରାଉତ, ଏସ୍.କେ. କଲିମ୍ ଏବଂ ଅଜୟ ଜେନା ଚଢ଼ାଉରେ ସାମିଲ ଥିଲେ।

### ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ




ଜଳେଶ୍ୱର, ୧୯।୮: ଜଳେଶ୍ୱର ବ୍ଲକର ଖୁଲୁଡ଼ା ଶୀତଳା ମାତା ମାଧମିକ ବିଦ୍ୟାଳୟ ପରିସରରେ ସାଇ ସୋସିଆଲ ସର୍ଭିସ ଅର୍ଗାନାଇଜେଶନ, ନାମ୍ପୋ ତରଫରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ସଭାପତି ଶଶିଶେଖର ଜେନା, ସମ୍ପାଦକ ଲୋପାମୁଦ୍ରା ଦାସ, ଉପଦେଷ୍ଟା ଅରୁଣ କୁମାର ରାଉଳ, ସଂଗ୍ରାମ ରାଉଳ, ତାପସୀ ରାଉଳ, ଅର୍ଚ୍ଚନା ରାଉଳ, କଳ୍ପନା ଜେନା, ଉମାକାନ୍ତ ଭୂୟାଁ, ମାନସ ଭୂୟାଁ, କପିଳ ଚନ୍ଦ୍ର ଦାସ, ନରେଶ ଚନ୍ଦ୍ର ଦାସ, ଅବିନାଶ ଜେନା, ନିର୍ମଳ ରଣା, ସୁକୁମାର ମୁର୍ମୁ, ପ୍ରଧାନ ଶିକ୍ଷୟିତ୍ରୀ ରଜନୀ ହାଁସଦା, ଶିକ୍ଷକ କମଳଲୋଚନ ରଣା, ଅଞ୍ଜନ କୁମାର ପ୍ରଧାନ, ସଞ୍ଜୟ ଗିରି, ସଞ୍ଜୟ ପାକଳ, ଅମଳ ମହାନ୍ତି, କମଳାକାନ୍ତ ସାମଲ ଓ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଜଳକା ନଦୀ ନିକଟବର୍ତ୍ତୀ ଗ୍ରାମରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।



ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି।

# ଗମ୍ଭୀର ହେଉଛି ବନ୍ୟା ପରିସ୍ଥିତି

- ବିପଦ ସଙ୍କେତ ଉପରେ ଜଳକା
- ବଢ଼ୁଛି ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା
- ୧୫ ପଞ୍ଚାୟତରେ ପଶିଲା ବନ୍ୟାଜଳ
- ଆତଙ୍କିତ ନଦୀକୂଳବାସୀ
- ସ୍ଥିତି ଉପରେ ପ୍ରଶାସନର ନଜର

ବାଲେଶ୍ୱର ଅଫିସ/ବସ୍ତା, ୧୯।୮ (ସ୍ୱ.ପ୍ର.)

ଉତ୍ତରଓଡ଼ିଶାରେ ଗତ ୫ଦିନ ଧରି ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲାରେ ବନ୍ୟା ପରିସ୍ଥିତି ଧୀରେ ଧୀରେ ଗମ୍ଭୀର ହେବାରେ ଲାଗିଛି। ସଦର ବ୍ଲକର ୨ ପଞ୍ଚାୟତ, ରେମୁଣା ବ୍ଲକର ୩ ପଞ୍ଚାୟତ ଓ ବସ୍ତା ବ୍ଲକର ୧୦ପଞ୍ଚାୟତର ଅଧୀନ ଗ୍ରାମ ସହ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ହେବା ଯୋଗୁ ଜିଲା ଦେଇ ପ୍ରବାହିତ ହେଉଥିବା ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ସନ୍ଧ୍ୟା ୭ଟା ସୁଦ୍ଧା ବୁଢ଼ାବଳଙ୍ଗ ନଦୀର ବିପଦସଙ୍କେତ ୮.୧୩ ମିଟର ଥିବାବେଳେ ଜଳସ୍ତର ୬.୭୦ ମିଟର ରହିଛି। ଜଳକା ନଦୀର ବିପଦ ସଙ୍କେତ ୫.୫ ମିଟର ଥିବାବେଳେ ଜଳସ୍ତର ୬.୪୬ ମିଟର, ସୁବର୍ଣ୍ଣରେଖା ନଦୀର ବିପଦସଙ୍କେତ ୧୦.୩୬ ମିଟର ଥିବାବେଳେ ଜଳସ୍ତର ୭.୩୮ ମିଟର ରହିଛି। ଏନେଇ ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ପ୍ରଶାସନ ଏଥିପ୍ରତି ସଜାଗ ରହିଛି।

ଜଳକା ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ବସ୍ତା ବ୍ଲକର ସଦାନନ୍ଦପୁର, ବାହାର୍ଦ୍ଦା, ମଥାନୀ, ପତ୍ରଝଡ଼ା, ମୁକୁଲୁସି ଓ ଦରୋଡ଼ା ପଞ୍ଚାୟତରେ ତଳିଅଞ୍ଚଳ ବନ୍ୟାଜଳ ପ୍ରବେଶ କରିଛି। ଗତ ୨ଦିନ ହେଲା ଜଳକା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି। ରବିବାରଠାରୁ ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁ ବନ୍ୟା ପରିସ୍ଥିତି ଉପୁଜିଛି। ଅନିୟମିତ ବର୍ଷା ଯୋଗୁ ଚାଷ କାମ ବିଳମ୍ବ ହୋଇଥିଲା। ଚାଷଜମି ଏବେ ବନ୍ୟାଜଳରେ ବୁଡ଼ି ରହିଛି। ଫଳରେ ଚାଷ ନଷ୍ଟ ହେବାର ଆଶଙ୍କା କରାଯାଇଛି। ପ୍ରଶାସନ ପକ୍ଷରୁ ବନ୍ୟାର ମୁକାବିଲା ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଉପଜିଲାପାଳ ନୀଲୁ ମହାପାତ୍ର, ଆରଡ଼ି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନନ୍ଦଦୁଲାଲ ଘଡେଇ, ଇରିଗେଶନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ ମଲ୍ଲିକ, ସହକାରୀ ନିର୍ବାହୀଯନ୍ତ୍ରୀ ନିର୍ମଳକାନ୍ତି ଜେନା, ସହକାରୀ ଯନ୍ତ୍ରୀ ଜୟକୃଷ୍ଣ ବେହେରା, କ୍ଷୁଦ୍ର ଜଳସେଚନ ଏସ୍‌ଡ଼ିଓ ଅରୁଣ କୁମାର ଦେ, ବସ୍ତା ତହସିଲଦାର ନରେନ୍ଦ୍ର ଖମାରୀ, ବିଡ଼ିଓ କୁକୁମୀନା ଦାସ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସମୁଦ୍ର ଜୁଆରିଆ ଥିବାରୁ ବନ୍ୟାଜଳ ଧୀରେ ଧୀରେ ହ୍ରାସ ପାଉଛି। ବାହାର୍ଦ୍ଦା ପଞ୍ଚାୟତର ଶିବଗୋଡିଆଠାରେ ନଦୀ ବନ୍ଧ ଅତଡ଼ା ଖାଉଥିବାରୁ ସେଠାରେ ବାଲି ବସ୍ତା ପକାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତଳତାପଣ୍ଡା, ସାନଖୁଡି ଆଦି ଅଞ୍ଚଳ ଜଳମଗ୍ନ ହୋଇଛି। ଶିବଗୋଡିଆଠାରେ ଆରଡ଼ି ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ପୋଲର ଉଭୟ ପାର୍ଶ୍ୱ ଅତଡା ଖାଉଥିବାରୁ ସେଠାରେ ମଧ ବାଲି ବସ୍ତା ପକାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଡ଼ିଓ କୁକୁମୀନା ଦାସ କହିଛନ୍ତି, ବନ୍ୟା ପରିସ୍ଥିତି ଗମ୍ଭୀର ହୋଇନାହିଁ, ତଥାପି ସ୍ଥିତି ଉପରେ ପ୍ରଶାସନ ତୀକ୍ଷଣ ନଜର ରଖିଛି।

### ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ନେଇ ଯାଞ୍ଚ ଆରମ୍ଭ

ସୋର, ୧୯।୮(ଡି.ଏନ.ଏ.): ସୋରରେ ଚିଟ୍‌ଫଣ୍ଡ ଜମାକରୀଙ୍କୁ ଟଙ୍କା ଫେରସ୍ତ ନେଇ ରିପୋର୍ଟ ୪ରେ ପୂର୍ବରୁ ଆବେଦନ କରାଯାଇଥିବା ବେଳେ ଏବେ କାଗଜପତ୍ର ଯାଞ୍ଚ ଆରମ୍ଭ ହୋଇଛି। ଏହା ୩୧ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ତହସିଲଦାର ଦେବୀ ପ୍ରସାଦ ଦାଶ ସୂଚନା ଦେଇଛନ୍ତି। ୧୦ ହଜାର ଟଙ୍କାରୁ କମ୍ ଜମାକାରୀଙ୍କୁ ଜମା ଅର୍ଥ ଫେରସ୍ତ ହେବା ନେଇ ସରକାରୀ ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବାକୁ ଯାଞ୍ଚ ଆରମ୍ଭ କରାଯାଇଛି। ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ସୋର ବ୍ଲକର ମହୁମୁହାଣ ପଞ୍ଚାୟତ ଓ ସୋର ରାଜସ୍ୱ ନିରୀକ୍ଷକ ସର୍କଲ ଅଧୀନରେ ଥିବା ଜମାକାରୀଙ୍କର କାଗଜପତ୍ର ଯାଞ୍ଚ କରାଯିବ।

### ୩ ଲୁଟେରା ଗିରଫ

ସୋର, ୧୯।୮(ଡି.ଏନ.ଏ.): ସୋର ଥାନା ଆଗରୁ ରବିବାର ବିଳମ୍ବିତ ରାତିରେ ଟ୍ରକ୍ ଡ୍ରାଇଭର କମରପୁର ଗ୍ରାମର ନରେଶ କୁମାର ରାମଦାସଙ୍କୁ ମାରଣାସ୍ତ୍ର ଦେଖାଇ ୫ ହଜାର ୨ ଶହ ଟଙ୍କା ଲୁଟ୍ ଅଭିଯୋଗରେ ୩ଜଣ ଲୁଟେରାଙ୍କୁ ପୋଲିସ କାବୁ କରିଛି। ନରେଶ ତୁରନ୍ତ ଥାନାକୁ ଯାଇ ଏ ସମ୍ପର୍କରେ ଜଣାଇବା ପରେ ପୋଲିସ ତୁରନ୍ତ ରାଜପଥ ନିକଟ ନଟାପଡା ଛକରୁ ଏହି ୩ ଲୁଟେରାଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଜମିର ଅଲ୍ଲୀ ଶାହା, ମହମ୍ମଦ ଅବଦୁଲ କରିମ୍ ଓ ସେକ୍ ସଲିମ୍ ମହମ୍ମଦ। କେସ୍ ନଂ. ୩୬୦/୧୯।

# ଉପେନ୍ଦ୍ରନାଥ କଲେଜରେ ଗଣ୍ଡଗୋଳ, ୬ ଛାତ୍ର ଗୁରୁତର

ସୋର, ୧୯।୮(ଡି.ଏନ.ଏ.)

**୨ ଅଣଛାତ୍ର ଅଟକ**

ବାଲେଶ୍ୱର ଜିଲା ସୋର ଉପେନ୍ଦ୍ରନାଥ କଲେଜ କ୍ୟାମ୍ପସ ବାହାରେ ଦୁଇ ଅଣଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳକୁ କେନ୍ଦ୍ର କରି କ୍ୟାମ୍ପସ ମଧ୍ୟରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ୬ ଜଣ ଛାତ୍ର ଗୁରୁତର ହୋଇଛନ୍ତି। ସୋର ପୋଲିସ କଲେଜ ପରିସରରେ ପହଞ୍ଚି ଆହତ ଛାତ୍ରଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ଏହି ଗଣ୍ଡଗୋଳ ପରେ କଲେଜରେ କ୍ଲାସ ତୁରନ୍ତ ବାତିଲ କରାଯାଇଥିଲା। ଗଣ୍ଡଗୋଳ ଆଶଙ୍କା ଥିବାରୁ କ୍ୟାମ୍ପସରେ ପୋଲିସ ମୁତୟନ ହୋଇଛନ୍ତି। ଗଣ୍ଡଗୋଳକାରୀ ୨ ଅଣଛାତ୍ରଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି।

ସୋମବାର ପୂର୍ବାହ୍ନରେ କଲେଜ ଗେଟ୍ ନିକଟରେ ଦୁଇ ରାଜନୈତିକ ଦଳର ଅଣଛାତ୍ର ଜୟନ୍ତ କୁମାର ଧଡା ଓ ମନୀଷ କୁମାର ଗୁପ୍ତାଙ୍କ ମଧ୍ୟରେ ବାକ୍‌ବିତଣ୍ଡାରୁ ମାରପିଟ୍ ହୋଇଥିଲା। ଏହାର ପ୍ରଭାବରେ କଲେଜ ପରିସରରେ ଥିବା ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ କଲେଜ କ୍ୟାଣ୍ଟିନ୍ ଓ ବୟଜ୍ କମନରୁମ୍‌ରେ ଗଣ୍ଡଗୋଳ ମାରପିଟ୍ ହୋଇଥିଲା। ଏଥିରେ ଯୁକ୍ତ ୩ କଳା ଶେଷ ବର୍ଷର ଛାତ୍ର ଭବାନୀ ଶଙ୍କର ପରିଡା, ଯୁକ୍ତ ୩ କଳା ୧ମ ବର୍ଷର ଛାତ୍ର ସୌରଭ କୁମାର ବେହେରା, ଯୁକ୍ତ ୩ କଳା ୧ମ ବର୍ଷର ଛାତ୍ର ଚନ୍ଦନ କୁମାର ଦାସ ଓ ଶରତ କୁମାର ମଲ୍ଲିକ, ଯୁକ୍ତ ୩ କଳା ୨ୟ ବର୍ଷର ଛାତ୍ର ନଗେନ୍ କୁମାର ସାହୁ ଓ ଯୁକ୍ତ ୩ ବିଜ୍ଞାନ ୩ୟ ବର୍ଷ ଛାତ୍ର ଜ୍ୟୋତି ରଞ୍ଜନ ପଣ୍ଡା ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଗୁରୁତର ଥିବା ୩ ଜଣ ଛାତ୍ର ଜୀବନବିକଳରେ ରକ୍ତାକ୍ତ ଅବସ୍ଥାରେ ଅଧକ୍ଷଙ୍କ ପ୍ରକୋଷ୍ଠରେ ପଶିଯାଇଥିଲେ। ସେଠାରେ ଅଧକ୍ଷଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ପୁଣି ମାରପିଟ୍ ହୋଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏ ସମ୍ପର୍କରେ କଲେଜ ଅଧକ୍ଷ ଡ. ଶ୍ରୀକାନ୍ତ ସାମଲଙ୍କୁ ପଚାରିବାରୁ କହିଛନ୍ତି, ଏହି ଘଟଣା ପରେ ଷ୍ଟାଫ୍ କାଉନ୍‌ସିଲ ବୈଠକ ଡକାଯାଇଥିଲା। ତାହାର ନିଷ୍ପତ୍ତି ଅନୁଯାୟୀ କଲେଜ ପରିସରରେ ଶୈକ୍ଷିକ ବାତାବରଣ ବଜାୟ ରଖିବାକୁ କଲେଜ ପକ୍ଷରୁ ସୋର ଥାନା ସହ ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଯାଇଛି।

### ଗଣ୍ଡଗୋଳକାରୀଙ୍କ ଗିରଫ ଦାବି କଲା ଏବିଭିପି



ଖବରଦାତା ସମ୍ମିଳନୀରେ ଏବିଭିପିର କର୍ମକର୍ତ୍ତା।

ବାଲେଶ୍ୱର ଅଫିସ,୧୯।୮

ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ସୋମବାର ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଛି। ଏହି ଘଟଣାରେ ଗଣ୍ଡଗୋଳକାରଙ୍କୁ ଗିରଫ କରିବା ଲାଗି ଏବିଭିପି ପକ୍ଷରୁ ବାଲେଶ୍ୱର ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। କଲେଜରେ ବାରମ୍ବାର ଅଣଛାତ୍ର ପ୍ରବେଶ ଓ କଲେଜ ପିଲାଙ୍କ ଉପରେ ବାରମ୍ବାର ମରଣାନ୍ତକ ଆକ୍ରମଣକୁ ବିରୋଧ କରି ଏବିଭିପିର ଜିଲା ଓ ରାଜ୍ୟ ପ୍ରତିନିଧିମାନେ କଲେଜ ଅଧ୍ୟକ୍ଷ ଏବଂ ସ୍ଥାନୀୟ ଆଇଆଇସିଙ୍କୁ ସାକ୍ଷାତ କରି ଲିଖିତ ଭାବେ ଜଣାଇଥିଲେ। ହେଲେ ଏଥିପ୍ରତି ଗୁରୁତ୍ୱ ଦିଆ ନ ଯିବାରୁ ଗଣ୍ଡଗୋଳ ହୋଇଥିବା ଜିଲା ସଂଯୋଜକ ରଜତ କୁମାର ପାତ୍ର ଓ ଜିଲା ସହ ସଂଯୋଜକ ଉମେଶ ଗାହାଣ ଅଭିଯୋଗ କରିଛନ୍ତି। ଏହି ବିଷୟ ନେଇ ଏବିଭିପି ରାଜ୍ୟପାଳଙ୍କୁ ଆଗାମୀ ଦିନରେ ଭେଟିବ। ଯଦି ୨୪ ଘଣ୍ଟା ଭିତରେ ଅପରାଧୀଙ୍କୁ ଗିରଫ କରା ନ ଯାଏ ତେବେ ସାରା ରାଜ୍ୟରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

### ଦୁର୍ଘଟଣା ଆଶୁ ଚିକିତ୍ସା କେନ୍ଦ୍ର ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ବାହାନଗା,୧୯।୮(ଡି.ଏନ.ଏ.)

ବାହାନଗା ଜାତୀୟ ରାଜପଥ କଡରେ ଥିବା ଦୁର୍ଘଟଣା ଆଶୁ ଚିକିତ୍ସା କେନ୍ଦ୍ରକୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ସୋମବାର ପରିଦର୍ଶନ କରିଛନ୍ତି। ସେଠାରେ ଡାକ୍ତର ଅଭାବ ଓ ଅପରିଷ୍କାର ପରିବେଶ ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳଙ୍କୁ ଫୋନ ମାଧମରେ ଅବଗତ କରାଇଥିଲେ। ଏଠାରେ ଥିବା ଜଣେ ଡାକ୍ତରଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ପଠାଯାଇଥିବାରୁ ମନ୍ତ୍ରୀ ଏ ବିଷୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଙ୍କୁ ଫୋନରେ ଆଲୋଚନା କରିଥିଲେ। ସେ ଏହି ଡାକ୍ତରଖାନାକୁ ପରିଦର୍ଶନରେ ଆସିବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପସ୍ଥିତ କେତେକ ରୋଗୀ ଅବ୍ୟବସ୍ଥା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆର୍କଷଣ କରିଥିଲେ।



କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଦୁର୍ଘଟଣା ଆଶୁ ଚିକିତ୍ସା କେନ୍ଦ୍ର ପରିଦର୍ଶନ କରୁଛନ୍ତି।




ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍‌ର କର୍ମକର୍ତ୍ତା।

### ଇନ୍‌ରହୁଇଲ ଶାଶ୍ୱତ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ବାଲେଶ୍ୱର ଅଫିସ, ୧୯।୮

ବାଲେଶ୍ୱର ସହର ପାଣିଟାଙ୍କିସ୍ଥିତ ଅତିଥିଭବନ ପରିସରରେ ରବିବାର ସନ୍ଧ୍ୟାରେ ରୋଟାରୀ କ୍ଲବର ଇନରହୁଇଲ ଶାଶ୍ୱତ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଇନରହୁଇଲ ଶାଶ୍ୱତ ଜିଲା ୩୨୬ର ଚେୟାରମ୍ୟାନ୍ ଜାଗୃତ ଦୋସିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚେୟାରମ୍ୟାନ୍ ଦୋସି ଅନୁଷ୍ଠାନର ସଦସ୍ୟାମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ କ୍ଲବର ବିଭିନ୍ନ କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। କ୍ଲବର ସମସ୍ତ ରେକର୍ଡ଼ ଦେଖିବା ସହିତ ସଭ୍ୟାମାନଙ୍କୁ ଚଳିତବର୍ଷର କାର୍ଯ୍ୟଧାରା ସମ୍ପର୍କରେ ଧାରଣା ଦେଇଥିଲେ।

କ୍ଲବ ସଭାପତି ଗୀତାଞ୍ଜଳି ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ସମ୍ପାଦିକା ମମତାମୟୀ ଦାସ ବିଗତବର୍ଷ ଏବଂ ଚଳିତବର୍ଷର କାର୍ଯ୍ୟଧାରା ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। ମିଶନ ମମତା ଅନୁଯାୟୀ କ୍ଲବର ପୂର୍ବତନ ସଭାପତି ଅର୍ପାନ୍ ହୋମ୍‌ରୁ ଝିଅଟିଏ ପୋଷ୍ୟାକନ୍ୟା ଭାବେ ଗ୍ରହଣ କରିଥିବାରୁ କ୍ଲବ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉପସଭାପତି ରୋଜାଲିନ ମହାନ୍ତି, କୋଷାଧକ୍ଷ ସବିତା ଗିରି, ଯୁଗ୍ମ ସମ୍ପାଦିକା ଅବନ୍ତି ଗୁହାଙ୍କ ସମେତ ସମସ୍ତ ସଦସ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ। ନୂତନ ଭାବେ ୫ଜଣ ସଦସ୍ୟା ଏଥିରେ ଯୋଗଦାନ କରିଥିଲେ। ସଦସ୍ୟା ମମତା ଦାସ, ଚନ୍ଦନା ପ୍ରଧାନ, ତରୁଲତା ପ୍ରଧାନ, ବିନତୀ ପାଣି, ଅବନ୍ତୀ ପ୍ରଧାନ, ପଦ୍ମାବତୀ ଯେନା, କଲ୍ୟାଣୀ ନନ୍ଦ, ସସ୍ମିତା ବେହେରା, ସଙ୍ଗୀତା ରଥ, ଗୌରୀମଣି ମହାପାତ୍ର, ସଙ୍ଗୀତା ଦାସ, ବୀଣାପାଣି ଜେନା, ସୁଜାତା ପାଣିଗ୍ରାହୀ ପ୍ରମୁଖ ସଦସ୍ୟା ଉପସ୍ଥିତ ଥିଲେ।

### ଜଳ ନିଷ୍କାସନ ଦାବିରେ ପୌର ପରିଷଦ କାର୍ଯ୍ୟାଳୟ ଘେରାଉ

ଜଳେଶ୍ୱର,୧୯।୮

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଜଳେଶ୍ୱର ପୌରାଞ୍ଚଳର ୬, ୭, ୮, ୯, ୧୦ ଓ ୧୧ନମ୍ବର ୱାର୍ଡ଼ର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦ କରି ଲୋକେ ସୋମବାର ଜଳେଶ୍ୱର ପୌରପରିଷଦ କାର୍ଯ୍ୟାଳୟକୁ ଘେରାଉ କରି ଧାରଣା ଦେଇଥିଲେ।

ଜଳ ନିଷ୍କାସନ ନାଳଗୁଡ଼ିକ ଅବରୋଧ ହୋଇଥିବାରୁ ଗ୍ରାମର ଲୋକମାନଙ୍କ ଘରେ ଜଳ ପଶିବା ଯୋଗୁ ରୋଷେଇ ବନ୍ଦ ହୋଇଯାଇଥିବାବେଳେ ଶହ ଶହ ଏକର ଜମିରେ ୨ଫୁଟ୍ ଉଚ୍ଚରେ ପାଣି ଜମି ରହି ଧାନ ନଷ୍ଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ହୃଷିକେଶ ପାଣିଙ୍କୁ ପ୍ରଦାନ କରାଯାଇଥିଲା। ତୁରନ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ସିତାଂଶୁ ସେନାପତି, ଚନ୍ଦନ କୁମାର ଦାସ, ପୂର୍ଣ୍ଣେନ୍ଦୁ ନନ୍ଦୀ, ଭବାନୀ ଶଙ୍କର ପାତ୍ର, ସୁବାସିନୀ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଅଜିତ ଦତ୍ତ, ରବୀନ୍ଦ୍ର ପାତ୍ର, ସୁଧୀର କର, ତାରାପଦ ବେହେରା, ଲକ୍ଷ୍ମୀନାରାୟଣ ଜେନା, ବାବୁଲା ଦାସ, ରାମଶଙ୍କର ଜେନା, ରୀତାରାଣୀ ଜେନା ଓ ରବୀନ୍ଦ୍ର ରଣା ପ୍ରମୁଖ ସାମିଲ ହୋଇଥିଲେ।



ଜଳେଶ୍ୱର ପୌରପରିଷଦ କାର୍ଯ୍ୟାଳୟ ଘେରାଉ।

# ତହସିଲ ଅଫିସ ଘେରାଉ, ରାସ୍ତା ଅବରୋଧ

ଜଳେଶ୍ୱର,୧୯।୮

**ସ୍ୱାସ୍ଥ୍ୟସେବା ବନ୍ଦ ପ୍ରତିବାଦ**

ବାଲେଶ୍ୱର ଜିଲା ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲରେ ଗତ ୧୫ତାରିଖଠାରୁ ଅଦ୍ୟାବଧି ସ୍ୱାସ୍ଥ୍ୟସେବା ବନ୍ଦ ପ୍ରତିବାଦରେ ସୋମବାର ପୂର୍ବାହ୍ନ ୧୦ଟାରୁ ଶତାଧିକ ଜନସାଧାରଣ ଜଳେଶ୍ୱର ତହସିଲ କାର୍ଯ୍ୟାଳୟକୁ ଘେରାଉ କରି ଧାରଣାରେ ବସିଥିଲେ। କମଳ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜଳେଶ୍ୱର ବ୍ଲକ ଉପାଧକ୍ଷ ବ୍ରଜମୋହନ ପ୍ରଧାନ ସ୍ୱାସ୍ଥ୍ୟ ସେବା ବନ୍ଦକୁ ବିରୋଧ କରିବା ସହ ଜଣେ ବ୍ୟକ୍ତିର ମୌଳିକ ଅଧିକାର ସ୍ୱାସ୍ଥ୍ୟସେବାକୁ ପୂରଣ କରିବା ପାଇଁ ସରକାର ବାଧ ବୋଲି କହିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଘୋଷଣା କରିଥିଲେ। ସଭାରେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫୁଲ୍ଲ ପାଠୀ, ଡ. ଈଶ୍ୱର ଚନ୍ଦ୍ର ଜେନା, ଡ. ରମାକାନ୍ତ ଭଞ୍ଜ, ରମାନାଥ ଗିରି, ଅରୁଣ ବେଜ, ଜଗଦୀଶ ନନ୍ଦୀ, ଶରତ ଚନ୍ଦ୍ର ପରିଡା, ସେକ୍ ମୋତିଲାଲ, ସୁଧୀର ପାତ୍ର, ରମେଶ ଚନ୍ଦ୍ର ପାତ୍ର, ସୁଦାମ ପାତ୍ର, ବନମାଳୀ ଧଳ, ସଞ୍ଜୟ ମହାନ୍ତି, ମଧୁସୂଦନ ଦତ୍ତ, ଶ୍ରୀକଣ୍ଠ ମହାନ୍ତି, ପଦ୍ମଲୋଚନ ବେହେରା, ସୁଜିତ ପ୍ରଧାନ, ଶମ୍ଭୁନାଥ ଦାସ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଧାରଣାସ୍ଥଳରେ ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରି ତୁରନ୍ତ ୩ଜଣ ଡାକ୍ତର ହସ୍‌ପିଟାଲରେ ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସମ୍ପୃକ୍ତ ଡାକ୍ତରମାନେ ଜଳେଶ୍ୱର ହସ୍‌ପିଟାଲରେ ଯୋଗଦେବେ ନାହିଁ ବୋଲି ଜଣାପଡ଼ିବା ପରେ ଆନ୍ଦୋଳନକାରୀମାନେ ତହସିଲ କାର୍ଯ୍ୟାଳୟ ଛାଡ଼ି ନିକଟସ୍ଥ ୬୦ନମ୍ବର ଜାତୀୟ ରାଜପଥରେ ରାସ୍ତାରୋକୋ କରି ଧାରଣାରେ ବସିବା ଫଳରେ ଉଭୟ ପଟରୁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପୁଣି ଉପଜିଲାପାଳ ଜାତୀୟ ରାଜପଥରେ ପହଞ୍ଚି ନୂତନ ୩ଜଣ ଡାକ୍ତରଙ୍କୁ ଉକ୍ତ ହସପିଟାଲରେ ଅବସ୍ଥାପିତ କରାଯିବାର ନିର୍ଭର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।




ସ୍ୱାସ୍ଥ୍ୟସେବା ବନ୍ଦ ପ୍ରତିବାଦରେ ଲୋକେ ତହସିଲ ଅଫିସ ଘେରାଉ କରିଛନ୍ତି।

## ସଂକ୍ଷେପରେ

### ଖଡ଼ଖାଇ, ବାଙ୍କବଳ ଡ୍ୟାମ୍ ଗେଟ୍ ଖୋଲିଲା

ରାଇରଙ୍ଗପୁର,୧୯।୮(ଡି.ଏନ୍.ଏ.): ଲଗାଣ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ ଡିଭିଜନରେ ଥିବା ଖଡ଼ଖାଇ ଓ ବାଙ୍କବଳ ଡ୍ୟାମରେ ଜଳପତ୍ତନ ବୃଦ୍ଧି ପାଇଛି। ସୋମବାର ଏହି ଦୁଇ ଡ୍ୟାମର ଗୋଟିଏ ଲେଖାଏଁ ଗେଟ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି। ଫଳରେ ଖଡ଼ଖାଇ ଓ ବାଙ୍କବଳ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଡ୍ୟାମ ଦୁଇଟିର ସୁରକ୍ଷା ସକାଶେ ଗେଟ୍ ଖୋଲାଯାଇଥିବା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ବେହେରା କହିଛନ୍ତି।

### ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ବଡ଼ସାହି,୧୯।୮(ସ୍ୱ.ପ୍ର)-ବଡ଼ସାହି ଥାନା ଅଧୀନ ଭୀମଦା ପଞ୍ଚାୟତ ଦାସୀପୁର ଗ୍ରାମର ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ବାବୁଲି ସିଂ (୨୫) । ଏଥିନେଇ ପୋଲିସ ଏକ ମାମଲା (ନଂ.୧୧୩/୧୯)ରେ ରୁଜୁ କରି ତଦନ୍ତ ଜାରି ରହିଛି। ପୋଲିସ ସୂତ୍ରରୁ ଜଣାଯାଇଛି ଯେ, ରବିବାର ବାବୁଲି ବାଲେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଗାଡ଼ିରୁ ଖସିପଡ଼ିଥିଲେ। ଏହା ଦେଖି ସେହି ଗ୍ରାମର ସୁଶାନ୍ତ ଜେନା ତାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ଗାଡ଼ିରୁ ପଡ଼ିବା କଥା ଘରେ ନ ଜଣାଇବାକୁ ବାବୁଲି କହିଥିଲେ। ସୁଶାନ୍ତ ଏହି କଥା ତାଙ୍କ ପରିବାର ଲୋକଙ୍କୁ ଜଣାଇ ଦେବାରୁ ଅଭିଯୁକ୍ତ ଜଣକ ଉତ୍ତ୍ୟକ୍ତ ହୋଇ ଏକ କଟୁରୀରେ ସୁଶାନ୍ତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେ ବ୍ୟବହାର କରିଥିବା କଟୁରୀକୁ ଜବତ କରିଛି ।

### ୪ର୍ଥଶ୍ରେଣୀ କର୍ମଚାରୀଙ୍କ ଅକାଳ ମୃତ୍ୟୁ

ଉଦଳା,୧୯।୮(ଡି.ଏନ.ଏ)- ଉଦଳା ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ ୪ର୍ଥଶ୍ରେଣୀ କର୍ମଚାରୀଙ୍କ ସୋମବାର ଅପରାହ୍ନରେ ଅକାଳ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଶିରିଷ କୁମାର ପାତ୍ର(୫୫)। ତାଙ୍କ ଘର ନିକଟସ୍ଥ ଜୁଆଳିଆ ଗ୍ରାମରେ। ଡ୍ୟୁଟି ସାରି ସେ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ହଠାତ ରାସ୍ତାରେ ପଡିଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଉପ ଜିଲାପାଳ ଭଗବାନ ବେହେରା ଏବଂ ସହକାରୀ ଜିଲାପାଳ ଗୌରହରି ମହାନ୍ତ ମେଡିକାଲରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ।

### କୁଡୁମୀ ସେନାର ସାଧାରଣ ପରିଷଦ ବୈଠକ

ବେତନଟୀ,୧୯।୮(ଡି.ଏନ୍.ଏ.)- କୁଡୁମୀ ସେନା ପକ୍ଷରୁ ରାଜ୍ୟସ୍ତରୀୟ ସାଧାରଣ ପରିଷଦ ବୈଠକ ରବିବାର ବେତନଟୀଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଅଧକ୍ଷ ଜୈମୁନୀ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୟୂରଭଞ୍ଜ ସମେତ କେନ୍ଦୁଝର, ଯାଜପୁର, ସୁନ୍ଦରଗଡ, ବାଲେଶ୍ୱର ଓ ଦେବଗଡ ଜିଲାରୁ କୁଡୁମୀ ଜାତିର ସଂଗଠକମାନେ ଉପସ୍ଥିତ ଥିଲେ। ଏଥିରେ କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ୍ କରାଯିବା ଦାବି ସହ ବିଗତ ବର୍ଷଗୁଡ଼ିକରେ କୁଡୁମୀ ସେନା ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଆନ୍ଦୋଳନାତ୍ମକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। କୁଡୁମୀ ଜାତିକୁ ଯେତେ ଦିନ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଆଦିବାସୀ ବର୍ଗରେ ସାମିଲ୍ କରା ନ ଯାଇଛି ସେତେଦିନ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ସଂଗଠନ ପକ୍ଷରୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ଦିନେଶ୍ କୁମାର ମହାନ୍ତ, ବିବେକାନନ୍ଦ ମହାନ୍ତ, ଉପେନ୍ଦ୍ର ମହାନ୍ତ, ସୁନ୍ଦର ମୋହନ ମହାନ୍ତ, ଫଣୁସ୍ କୁମାର ମହାନ୍ତ, ଦୁର୍ଗାଚରଣ ମହାନ୍ତ, ସବିତା ମହାନ୍ତ, ଗୀତାଞ୍ଜଳି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର

ବାଙ୍ଗିରିପୋଷି,୧୯।୮(ଡି.ଏନ୍.ଏ): ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଯୁବକ ସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଯୁବକ ସଂଘର ସଭାପତି ମାନସ କୁମାର ବେହେରା, ସମ୍ପାଦକ ଚନ୍ଦ୍ରଶେଖର ଦାସ, କୋଷାଧକ୍ଷ ଉମାକାନ୍ତ ବେହେରା ଓ ସଭ୍ୟ ରକି ବେହେରା, ସୁରଜ ବେହେରା, ଭିକି ବେହେରା, ଯୋଗେନ୍ଦ୍ର ବେହେରା, ନିପୁନ ବେହେରା ତଥା ଅନ୍ୟ ସଭ୍ୟଙ୍କ ସହଯୋଗରେ କ୍ଲବ ଗୃହ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବାରିପଦା ରକ୍ତଭଣ୍ଡାର ଅଧିକାରୀ ଡା. ପ୍ରଶାନ୍ତ କୁମାର ଦାସ, ଲାବୋରେଟରୀ ଆଟେଣ୍ଡାଣ୍ଟ ଧ୍ରୁବ ଚରଣ ଦେ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ।

■କ୍ଷେତ୍ର ସେବା ବେଳେ ଅସୁବିଧା ଭୋଗୁଛନ୍ତି ବିଦ୍ୟୁତ୍ କର୍ମଚାରୀ

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ବାରିପଦା ଅଫିସ,୧୯।୮

ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟକ୍ଷମତାକୁ ତ୍ୱରାନ୍ୱିତ କରିବା ନେଇ ବାରିପଦା ପାୱାର ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଘେରାଉ କରାଯାଇଛି। ଏଥିସହ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବିଭିନ୍ନ ଦାବି ତୁରନ୍ତ ପୂରଣ କରିବାକୁ ଲିଖିତ ଭାବେ ଦାବି କରିଛି। ୟୁନିୟନ ପକ୍ଷରୁ କୁହାଯାଇଛି ଯେ, ବାରିପଦା ବିଦ୍ୟୁତ୍ ଡିଭିଜନ ଅଧୀନରେ କୁଶଳୀ ଓ ଅଣ କୁଶଳୀ କର୍ମଚାରୀମାନଙ୍କ ଘୋର ଅଭାବ ଯୋଗୁଁ ଉତ୍ତମ ଗ୍ରାହକସେବା ଯୋଗାଇ ଦେବାରେ ବିଭିନ୍ନ ସମସ୍ୟା ଦେଖାଯାଉଛି। ଏହି ଡିଭିଜନ ଅଧୀନ ସମସ୍ତ ୩୩/୧୧ କେଭି ସବଷ୍ଟେସନର ଭିସିବିଗୁଡ଼ିକର ନବୀକରଣ ଆବଶ୍ୟକ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ କର୍ମଚାରୀ ଓ ଉପଭୋକ୍ତାମାନେ ହଇରାଣ ହେଉଛନ୍ତି। ଏହା ସହ ଡିଭିଜନ କାର୍ଯ୍ୟାଳୟରେ କିରାଣୀ ଅଭାବ ଯୋଗୁଁ ବିଦ୍ୟୁତ କର୍ମଚାରୀମାନଙ୍କ ଦରମା, ପେନସନ ଓ ଅନୁସଙ୍ଗିକ ଭତ୍ତା ଠିକ ସମୟରେ ମିଳୁ ନ ଥିବାରୁ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଏଜେନ୍ସି ମାଧ୍ୟମରେ ନିଯୁକ୍ତ ଠିକା କର୍ମଚାରୀମାନଙ୍କୁ ମାସ ମାସ ଧରି ଦରମା, ଇପିଏଫ, ଇଏସଆଇ ସହିତ ମରାମତି ଓ ସୁରକ୍ଷା ସରଞ୍ଜାମ ଠିକ୍ ସମୟରେ ପ୍ରଦାନ କରାଯାଉନାହିଁ। ଏହା ଶ୍ରମ ଆଇନର ଉଲ୍ଲଂଘନ କରୁଥିବା ୟୁନିୟନ ଅଭିଯୋଗ କରିଛି। ଠିକା ଏଜେନ୍ସି ଓ ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସଲାସୁତ୍ରରା କରାଯାଇ କର୍ମଚାରୀମାନଙ୍କ ପ୍ରତି ଶ୍ରମିକ ମାରଣ ନୀତି ପ୍ରତିପୋଷଣ କରାଯାଉଛି। ଅନ୍ୟପକ୍ଷେ ବିଭାଗର ବିଦ୍ୟୁତ୍ କାର୍ଯ୍ୟାଳୟଗୁଡିକ ଅସୁରକ୍ଷିତ ଓ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଥିରେ କର୍ମଚାରୀମାନେ କାର୍ଯ୍ୟ କରୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଯାଇଛି। ବାରିପଦା ନିର୍ବାହୀ ଯନ୍ତ୍ରୀ ଉପରୋକ୍ତ ବିଭିନ୍ନ ସମସ୍ୟାଗୁଡିକର ତୁରନ୍ତ ସମାଧାନ ନ କଲେ ସଂଘ ଆନ୍ଦୋଳନ କରିବ ବୋଲି ୟୁନିୟନର ସହ-ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ଗଣମାଧ୍ୟମକୁ କହିଛନ୍ତି। ଅଧିକାରୀଙ୍କୁ ଘେରାଉ ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ କରୁଣାକର ପତି ଓ ମାନସରଞ୍ଜନ ଶୁକ୍ଳା, ଡିଭିଜନାଲ ସେକ୍ରେଟାରୀ ଚନ୍ଦନ କୁମାର ମହାନ୍ତି, ଦେବାଶିଷ ବେହେରା, ଜ୍ଞାନରଞ୍ଜନ ପରିଡା, ମନୋଜ କୁମାର କଳିଆ, ଚନ୍ଦନ ଜେନା, ଦିନେଶ ଗୁପ୍ତା, କୃଷ୍ଣପ୍ରସାଦ ମହାନ୍ତ, ସଞ୍ଜୟ ଘୋଷ, ହରେକୃଷ୍ଣ ମହାନ୍ତ, ପ୍ରମୋଦ ପାତ୍ର, କରୁଣାକର ମହାନ୍ତ, ପାର୍ଥସାରଥୀ ଦାସ, ପ୍ରଦୀପ ନାଥ, ପ୍ରଶାନ୍ତ ସାହୁ, ଜ୍ୟୋତି ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ୟୁନିୟନ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ବିଦ୍ୟୁତ୍ କାର୍ଯ୍ୟାଳୟ ବିପଦସଙ୍କୁଳ
■ ଠିକା କର୍ମଚାରୀମାନଙ୍କୁ ଦରମା ମିଳୁନି

## ୨୨ରୁ ମୟୂରଭଞ୍ଜ ରାଜପ୍ରାସାଦରେ ଚିତ୍ରକଳା ପ୍ରଦର୍ଶନୀ

ବାରିପଦା ଅଫିସ,୧୯।୮

ଜିଲାର କଳା,ସଂସ୍କୃତି,ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପର ସଂରକ୍ଷଣ ଏବଂ ବିକାଶ ସକାଶେ ମୟୂରଭଞ୍ଜ ଫାଉଣ୍ଡେଶନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଜିଲା ପ୍ରଶାସନ, ମାରୱାଡି ଯୁବା ମଞ୍ଚ ଓ ଫାଉଣ୍ଡେଶନ ଫର୍ କଣ୍ଟେମ୍ପରାରି ଆର୍ଟ ବାରିପଦାର ସହଯୋଗରେ ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ବାରିପଦା ବେଲଗଡିଆ ସ୍ଥିତ ରାଜପ୍ରାସାଦ ପରିସରରେ ଏକ ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ଏକ ଖବରଦାତା ସମ୍ମିଳନୀରେ ମୟୂରଭଞ୍ଜ ଫାଉଣ୍ଡେଶନର ଅଧକ୍ଷା ତଥା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାର ଏବଂ ରାଜ୍ୟ ବାହାରର ବହୁ ବରିଷ୍ଠ ଚିତ୍ରଶିଳ୍ପୀଙ୍କ କଳାକୃତି ପ୍ରଦର୍ଶିତ ହେବ। ଏହା ସହିତ ମୟୂରଭଞ୍ଜ ଜିଲାର ଟସର, ହସ୍ତତନ୍ତ ସାମଗ୍ରୀ ଏବଂ ହସ୍ତଶିଳ୍ପରୁ ପ୍ରସ୍ତୁତ ବିଭିନ୍ନ କଳାକୃତି ଷ୍ଟଲ ଗୁଡ଼ିକରେ ପ୍ରଦର୍ଶିତ ହେବ। ପ୍ରତିଦିନ ସକାଳ ୧୦ ରୁ ଦିନ ୧ ଟା ୩୦ ଓ ଅପରାହ୍ନ ୩ ଟା ରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଚିତ୍ରକଳା ପ୍ରଦର୍ଶନ କରାଯିବ। ସେହିପରି ପ୍ରତିଦିନ ସନ୍ଧ୍ୟାରେ ସମ୍ବର୍ଦ୍ଧନା ସଭା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଖବରଦାତା ସମ୍ମିଳନୀରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମୟୂରଭଞ୍ଜ ଫାଉଣ୍ଡେଶନର ଆବାହକ ହେମନ୍ତ ଶାହା, ବିଭୁଦତ୍ତ ଦାସ ଓ କଲ୍ୟାଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂଯୋଗ ଦାବିରେ ବିକ୍ଷୋଭ


ସଂଗଠନର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଉଦଳା,୧୯।୮(ଡି.ଏନ.ଏ)-

ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ କପ୍ତିପଦା ଉପଖଣ୍ଡ ପକ୍ଷରୁ ସୋମବାର ଉଦଳା ନେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଆଦିବାସୀ ଅଧ୍ୟୁଷିତ ଏହି ଉପଖଣ୍ଡରେ ଥିବା ସମସ୍ତ ଗ୍ରାମ ସହ ବାଲମା, ମହୁଲବାଡି ଗ୍ରାମକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯିବା ଦାବି ନେଇ ଏହି ବିକ୍ଷୋଭ କରାଯାଇଥିବା ମୋର୍ଚ୍ଚାର ସଭାପତି ବୁଦ୍ଧିରାମ ମୁର୍ମୁ ସୂଚନା ଦେଇଛନ୍ତି । ଏଥିରେ ସଂଗଠନର ଜିଲା ସଭାପତି ଧରମରାଜ ହାଁସଦା, ବାଲିଆ ସୋରେନ୍, ସମାୟ ସୋରେନ୍, ବ୍ଲକ ସମ୍ପାଦକ ବିକାଶ ସିଂ, ମୁନା ସୋରେନ୍, ମଙ୍ଗଲା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏଥିନେଇ ଏକ ଦାବିପତ୍ର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀ ଖୁବ୍ ଶୀଘ୍ର ଉପଖଣ୍ଡର ସମସ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ପାଇଁ ଉଦ୍ୟମ କରିବେ ବୋଲି ପ୍ରତଶ୍ରୁତି ଦେଇଥିଲେ। ତେବେ ଆଗାମୀ ଦିନରେ ବିଦ୍ୟୁତ୍ ସଂଯୋଗ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଗଠନର ସମ୍ପାଦକ ଗୌରାଙ୍ଗ ସୋରେନ୍ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

## ଫଟୋରେ ଖବର


କପ୍ତିପଦା ବ୍ଲକ ଶୁଖୁଆପଟା ଖାଦାନ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସୋମବାର ୧୪୪ ଧାରା ଜାରି କରାଯାଇଛି।

ଭଞ୍ଜକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ପୁଖୁରିଆ ବାମନଘାଟି ଚାମ୍ପିୟନ

ଯଶିପୁର,୧୯।୮(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅଧୀନ ଭଞ୍ଜକିଆ ଜୟଦୁର୍ଗା ଆଥ୍ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୩୧ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ମିନି ଷ୍ଟାଡିୟମରେ ଉଦ୍ଯାପିତ ହୋଇଯାଇଛି। ଏଥିରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଗୁଳାସାହି ଝାଡ଼ଖଣ୍ଡ ଓ ପୁଖୁରିଆ ବାମନଘାଟି ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ପୁଖୁରିଆ ବାମନଘାଟି ୨-୦ ଗୋଲରେ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇଥିଲେ। ପୂର୍ବତନ ଖେଳ ଶିକ୍ଷକ ଯୋଗେନ୍ଦ୍ର ନାଥ ମହାନ୍ତ ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଜେଡି କ୍ରୀଡ଼ାସଂଘର ସମ୍ପାଦକ ବିପିନ ବିହାରୀ ମହାନ୍ତ, ସମ୍ମାନୀୟ ଅତିଥି ଭାବେ ବ୍ଲକ ଅଧକ୍ଷା ପଙ୍କଜିନୀ ନାଏକ, ସ୍ଥାନୀୟ ସରପଞ୍ଚ ରୁକ୍ମଣୀ ନାଏକ, ପିଇଓ ସ୍ରିପ୍ ସିଂ ମାଝୀ, ଭାଜପା ଜିଲା ସାଧାରଣ ସମ୍ପାଦକ ବିପିନ ବିହାରୀ ମହାନ୍ତ, ପରମେଶ୍ୱର ନାଏକ ପ୍ରମୁଖ ଯୋଗଦେଇଥିଲେ। ଟ୍ରଫି ସହ ଚାମ୍ପିଅନ ଦଳକୁ ୨୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଧନେଶ୍ୱର ମୁର୍ମୁ ଖେଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

## ଜିଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ବାର୍ଷିକ ସମ୍ମିଳନୀ

ବାରିପଦା ଅଫିସ,୧୯।୮-

ବାରିପଦା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ସଭାପତିତ୍ୱ ଓ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ମଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ମିଳନୀରେ ଜିଲାର ସମସ୍ତ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକମାନେ ଯୋଗ ଦେଇଥିଲେ। ଏଥିରେ ଜିଲା ଶିକ୍ଷା ଅଧିକାରୀ ବେହେରା ୨୦୧୯-୨୦ର କ୍ରୀଡ଼ା କ୍ୟାଲେଣ୍ଡର ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ଓ ଏମକେସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ.ପ୍ରଜ୍ଞା ପାରମିତା ଜେନା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶିକ୍ଷକ ଡ.ଶଶୀଧର ବିଶ୍ୱାଳ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ। କେଶବ ବେହେରା,ଗଣେଶ୍ୱର ବିନ୍ଧାଣି,ପଙ୍କଜ ବେହେରା, ଦୀପକ ରାମ, ଅବନୀ ଭଞ୍ଜ, ବୀରେନ୍ଦ୍ର ଦଳେଇ ଓ ସୋନାଲି ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।


ସମ୍ମିଳନୀରେ ଉପସ୍ଥିତ ଅତିଥି ବୃନ୍ଦ।

## ବିଶ୍ୱ ଫଟୋଗ୍ରାଫି ଦିବସ



ଦାରୋଗାଡାହି ଆବାସିକ ବିଦ୍ୟାଳୟ ସମ୍ମୁଖରେ ସଂଘର କର୍ମକର୍ତ୍ତା।

ବାରିପଦା ଅଫିସ,୧୯।୮-

ମୟୂରଭଞ୍ଜ ଫଟୋଗ୍ରାଫି ଓ ଭିଡିଓ ଗ୍ରାଫିଆସୋସିଏଶନ ପକ୍ଷରୁ ସୋମବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଆସୋସିଏଶନର ୬୦ରୁ ଉର୍ଦ୍ଧ୍ୱ ସଦସ୍ୟ ଏକ ମୋଟର ସାଇକେଲ ରାଲିରେ ଅମ୍ବିକା ମନ୍ଦିର ନିକଟରୁ ବାହାରି ଦାରୋଗାଡାହି ସ୍ଥିତ ରୋଜା ଆବାସିକ ମାନସିକ ବିକୃତ ବିଦ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଅନ୍ତେବାସୀମାନଙ୍କ ସହିତ କିଛି ସମୟ ଅତିବାହିତ କରି ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ଆଗାମି ଦିନରେ ଆସୋସିଏସନ ପକ୍ଷରୁ ସମାଜସେବା ଭଳି କିଛି କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆସୋସିଏଶନର ସଭାପତି ସଞ୍ଜୀବ କୁମାର ଦ୍ୱିବେଦୀ, ଭବାନୀ ଶଙ୍କର ରାମ, ଜିତେନ୍ଦ୍ର ପଟ୍ଟନାୟକ, ଜାନକୀ ରାମ, ବଳରାମ ମେହେରା, କୌଶିକ ଭକତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଯୋଜନାସ୍ତରୀୟ ପରିଚାଳନା ମଣ୍ଡଳୀ ବୈଠକ

# ଭିତ୍ତିଭୂମି ବିକାଶ, ଅର୍ଥନୈତିକ ଉନ୍ନତି ଉପରେ ଗୁରୁତ୍ୱାରୋପ

ବାରିପଦା ଅଫିସ,୧୯।୮

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ କାର୍ଯ୍ୟ କରୁଥିବା ୪ଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦା, କପ୍ତିପଦା, ରାଇରଙ୍ଗପୁର ଓ କରଞ୍ଜିଆର ଯୋଜନାସ୍ତରୀୟ ପରିଚାଳନା ମଣ୍ଡଳୀ ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧକ୍ଷ ବିନୀତ ଭରଦ୍ୱାଜ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ୍, ମୟୂରଭଞ୍ଜ ଏମପି ବିଶେଶ୍ୱର ଟୁଡୁ, ଜିଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ମୋରଡା ବିଧାୟକ ରାଜକିଶୋର ଦାସ, ବଡସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ବୁଡାନ ମୁର୍ମୁ, ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ୍ ପ୍ରମୁଖଙ୍କ ସମେତ ଡିଆରଡିଏ ପି.ଡି ତୁଷାରକାନ୍ତି ମହାନ୍ତି, ବାରିପଦା ଉପ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବାରିପଦା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଥନ୍ଧ, କପ୍ତିପଦା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବିଧାନଚନ୍ଦ୍ର ରାଏ, ରାଇରଙ୍ଗପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅନନ୍ତ ନାରାୟଣ ସିଂଲାଗୁରୀ, କରଞ୍ଜିଆ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଧର୍ମେନ୍ଦ୍ର ମଲ୍ଲିକ, ସଂପୃକ୍ତ ଲାଇନ ବିଭାଗ ପଦାଧିକାରୀ ଏବଂ ଆଇଟିଡିଏ ଅନ୍ତର୍ଗତ ପଞ୍ଚାୟତ ସମିତି ଅଧକ୍ଷା,ଅଧକ୍ଷ ଓ ଜିଲା ପରିଷଦ ସଭ୍ୟାସଭ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବିଶେଷକରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଯୋଜନାରେ ଜିଲାର ଅନୁସୂଚିତ ଜନଜାତି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଗମନାଗମନର ରାସ୍ତା ଓ ପୋଲ ସଂଯୋଗୀକରଣ, ବିଦ୍ୟୁତ ସଂଯୋଗୀକରଣ, ପାନୀୟଜଳ ଯୋଗାଣ, ସାମଗ୍ରିକ ଭିତ୍ତିଭୂମି ବିକାଶ ତଥା ସାମାଜିକ ଅର୍ଥନୈତିକ ଉନ୍ନତି ସକାଶେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ଅଗ୍ରଗତିର ସ୍ଥିତି ଏବଂ ଚଳିତ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବାର୍ଷିକ ଯୋଜନା କାର୍ଯ୍ୟ ଖସଡା ପ୍ରସ୍ତୁତି ସଂପର୍କରେ ଆଇଟିଡିଏ ୱାରୀ ପୃଥକ ପୃଥକ ଭାବେ ଆଲୋଚନା କରାଯାଇଥିଲା। ଆର୍ଥିକ ଅନୁଦାନ ଯୋଜନାରେ ବାରିପଦା ଆଇଟିଡିଏ ପାଇଁ ୧୭ କୋଟି ୮୪ ଲକ୍ଷ ୫୦ ହଜାର, କପ୍ତିପଦା ଆଇଟିଡିଏ ପାଇଁ ୯ କୋଟି ୪୪ ଲକ୍ଷ ୫୦ ହଜାର, ରାଇରଙ୍ଗପୁର ଆଇଟିଡିଏ ପାଇଁ ୧୫ କୋଟି ୬୯ ଲକ୍ଷ ୯୫ ହଜାର ଓ କରଞ୍ଜିଆ ଆଇଟିଡିଏ ପାଇଁ ୧୨ କୋଟି ୧୬ ଲକ୍ଷ ୪୫ ହଜାର ଆର୍ଥିକ ଅଟକଳର ଯୋଜନାସ୍ତରୀୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟଖସଡା ପ୍ରସ୍ତୁତି ଓ ଅନୁମୋଦନ ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଅନ୍ୟାନ୍ୟ ବିଷୟ ପ୍ରସଙ୍ଗ କ୍ରମରେ ଏସ୍.ଟି, ଏସ.ସି ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନ ପାଇଁ ଆବଶ୍ୟକ ଶ୍ରେଣୀ ଗୃହ,ହଷ୍ଟେଲ ଗୃହ ନିର୍ମାଣ ଓ ପାନୀୟ ଜଳ ଯୋଗାଣ, ଡ୍ରେନେଜ୍ ବ୍ୟବସ୍ଥା ତଥା ଆନୁସଙ୍ଗିକ ସୁବିଧା ଉପଯୋଗ କରାଯିବା, ଶିକ୍ଷିତ ଯୁବକ ଯୁବତୀମାନଙ୍କ ନିଯୁକ୍ତି ଭିତ୍ତିକ ଦକ୍ଷତା ତାଲିମ ବ୍ୟବସ୍ଥା ଏବଂ ସାମାଜିକ ଅର୍ଥନୈତିକ ବିକାଶ ପାଇଁ ବିଭିନ୍ନ ଆୟ ଭିତ୍ତିକ କାର୍ଯ୍ୟକ୍ରମ, ଦୁର୍ଗମ ଅଞ୍ଚଳରେ ରାସ୍ତା ଓ ପୋଲ ନିର୍ମାଣ ଆଦି ଭିତ୍ତିଭୂମିର ବିକାଶ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।


ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## କଲେଜରେ ସ୍ୱଚ୍ଛତା ପକ୍ଷ ପାଳିତ

କୁଆମରା,୧୯।୮(ଡି.ଏନ୍.ଏ.)-

ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ୟୁଥ ରେଡକ୍ରସର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁବଳ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏନଏସଏସ ଅଧିକାରୀ ଅଧାପକ ଅବନୀ କୁମାର ମହାନ୍ତି, ରାଜଲକ୍ଷ୍ମୀ ବେହେରା ଏବଂ ୟୁଥ ରେଡକ୍ରସ ଅଧିକାରୀ ବିଶ୍ୱନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ନେଇ କଲେଜ, ସ୍ଥାନୀୟ ଗ୍ରାମ ଏବଂ ବଜାର ମଧ୍ୟରେ ସଫେଇ କାର୍ଯ୍ୟ ସହ କଲେଜ ପରିସରରେ ଚାରାରୋପଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠିତ ସଭାରେ ବରିଷ୍ଠ ଅଧାପକ ପ୍ରଫେସର ପ୍ରଭାତ କୁମାର ସେନାପତି, ଛତିଶ ଦାସ, ପ୍ରଦୀପ ଚନ୍ଦ୍ର ପଣ୍ଡା, ରଶ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଓ ଚାରାରୋପଣ ଏବଂ ପରିବେଶ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ।

## ସଂକ୍ଷେପରେ

### ଶାରଦା ବିଦ୍ୟାମନ୍ଦିରରେ କେନ୍ଦ୍ରମନ୍ତ୍ରୀ
### ଓଭରବ୍ରିଜ ନିର୍ମାଣ ନେଇ ଛାତ୍ରୀଛାତ୍ରଙ୍କ ଦାବିପତ୍ର

**ଭଣ୍ଡାରିପୋଖରୀ,୧୯।୮(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଶାରଦା ବିଦ୍ୟାମନ୍ଦିରକୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ସୋମବାର ମଧ୍ୟାହ୍ନରେ ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ବାଲେଶ୍ୱରରୁ ଭୁବନେଶ୍ୱର ଯାଉଥିବା ବେଳେ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ଅନୁରୋଧ ରକ୍ଷା କରି ସ୍କୁଲକୁ ଯାଇଥିଲେ। ବିଦ୍ୟାମନ୍ଦିର ପକ୍ଷରୁ ସ୍କୁଲ ସମ୍ମୁଖ ଜାତୀୟ ରାଜପଥରେ ଓଭରବ୍ରିଜ୍ ନିର୍ମାଣ ଲାଗି ଏକ ଦାବିପତ୍ର ଛାତ୍ରୀଛାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ସମେତ ଗିରୀଶ ଚନ୍ଦ୍ର ସାମଲ, ମନୋଜ କବି, ତାପସ ନାୟକ, ସନ୍ତୋଷ ସାହୁ, ସନ୍ତୋଷ ପଣ୍ଡା, ପ୍ରାଣବନ୍ଧୁ ନାୟକ, ଦୁର୍ଯ୍ୟୋଧନ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଏଠାରେ ଓଭରବ୍ରିଜର ଆବଶ୍ୟକତା ଥିବା ନେଇ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବିଦ୍ୟାମନ୍ଦିରର କେଶବ ସେଠୀ, ନିତ୍ୟାନନ୍ଦ ସେନାପତି, ଦିଲୀପ ଜେନା, ସୁଶାନ୍ତ ସେନାପତି, ସୁସ୍ମିତା ସ୍ୱାଇଁ, ସ୍ମୃତିସୁହା ବିଶ୍ୱାଳ ଓ ଚିତ୍ତରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକ ପରିଷଦର ଭ୍ରାମ୍ୟମାଣ ବୈଠକ

**ଧାମନଗର, ୧୯।୮ (ଡି.ଏନ.ଏ.):** ଧାମନଗର ବରିଷ୍ଠ ନାଗରିକ ପରିଷଦର ଭ୍ରାମ୍ୟମାଣ ବୈଠକ ସୋହଡା ବୀଣାପାଣି ଶିଶୁମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଅନନ୍ତ ପ୍ରସାଦ ରାଉତ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡା, ପରିଷଦ ଅର୍ଥ ସଚିବ ନିରାକାର ଧଳ, ସଦସ୍ୟ ମହେଶ୍ୱର ସ୍ୱାଇଁ, ଦୁର୍ଗାଚରଣ ଅଧିକାରୀ, ସୋହଡା ସରପଞ୍ଚ ପ୍ରମୋଦ ସୂତାର, ଘନଶ୍ୟାମ ଦାସ, ଦଶରଥ ଦାସ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ସରକାର ଉପଯୁକ୍ତ ସମ୍ମାନ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ବରିଷ୍ଠ ନାଗରିକଙ୍କର ଅତୀତ ଅନୁଭୂତି, ଅଭିଜ୍ଞତା ଦ୍ୱାରା ଯୁବ ସମାଜ ପାଇଁ ପ୍ରେରଣାର ଆବଶ୍ୟକତା ରହିଛି। ଏହାଦ୍ୱାରା ସମାଜ ଶୃଙ୍ଖଳିତ ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ୭୨ ନୂତନ ସଦସ୍ୟଙ୍କୁ ପରିଷଦ ଗ୍ରହଣ କରିଥିଲା। ଶେଷରେ ପୂର୍ଣ୍ଣଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

### ଟ୍ରେନ୍‌ରେ କଟି ବୃଦ୍ଧଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୧୯।୮ (ଡି.ଏନ.ଏ.):** ଭଦ୍ରକ ଜିଲା ମଞ୍ଜୁରିରୋଡ ରେଳ ଷ୍ଟେଶନ ନିକଟରେ ସୋମବାର ସକାଳେ ଟ୍ରେନ୍‌ରେ କଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ସାନଶାସନ ପଞ୍ଚାୟତ କଣ୍ଟାପଡ଼ା ଗ୍ରାମର କେଶବ ଜେନା(୭୨)। ସେ ବାଲେଶ୍ୱର ଯିବା ପାଇଁ ରେଳଧାରଣା କଡ଼ ଦେଇ ମଞ୍ଜୁରିରୋଡ ଷ୍ଟେଶନକୁ ଯାଉଥିବା ବେଳେ ଟ୍ରେନ୍‌ରେ କଟି ଯାଇଥିଲେ ବୋଲି ସୂଚନା ମିଳିଛି। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଭଦ୍ରକ ଜିଆର୍‌ପି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

### 'ବାଜପେୟୀଙ୍କ ଭୂମିକା ଅତୁଳନୀୟ'

**ତିହିଡ଼ି/ଚାନ୍ଦବାଲି,୧୯।୮(ଡି.ଏନ.ଏ.):** ତିହିଡ଼ି ବଜାରସ୍ଥିତ ଦୀନଦୟାଲ ଭବନରେ ଭାଜପା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଭାଜପା ରାଜ୍ୟ ଓବିସିମୋର୍ଚ୍ଚା ଉପସଭାପତି ରଘୁନାଥ ପାତ୍ର ପୌରୋହିତ୍ୟ କରିଥିଲେ। ରାଜ୍ୟ ସଂସ୍କୃତି ସେଲ୍‌ର ଆବାହକ ଗୀତିକାର ପଞ୍ଚାନନ ନାୟକ ମୁଖ୍ୟଅତିଥି ଏବଂ ପୂର୍ବତନ ବ୍ଲକ ଅଧକ୍ଷ ଶୁକଦେବ ମଲିକ, ଜିଲା ଉପସଭାପତି ଦୁର୍ଗାଚରଣ ନାୟକ, ଶ୍ରୀଧର ନାଥ, ମଣ୍ଡଳ ସଭାପତି ପ୍ରଦୀପ ବଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶର ବିକାଶରେ ବାଜପେୟୀଙ୍କର ଭୂମିକା ଅତୁଳନୀୟ ବୋଲି କହିଥିଲେ। ତପନ ପାଢ଼ୀ, ଶରତ ନାୟକ, ଅମୀୟଚାନ୍ଦ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ଚାନ୍ଦବାଲି ଅଟଳ ସ୍ମୃତି ପରିଷଦ ପକ୍ଷରୁ ବିଜୁ ସ୍ମୃତି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲା ଉପସଭାପତି କମଳାକାନ୍ତ ସୂତାର ଅଧକ୍ଷତା କରିଥିଲେ। ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ପ୍ରତାପ ଧଳ, ପ୍ରାଧାପକ ଶାନ୍ତନୁ ମହାନ୍ତି, ରଘୁନାଥ ସାହୁ, ପ୍ରଫୁଲ୍ଲ ସାହୁ, ପୂର୍ଣ୍ଣଚନ୍ଦ୍ର ପାଣି ଓ କାହ୍ନୁଚରଣ ବେହେରା ଯୋଗ ଦେଇଥିଲେ।

# ବୈତରଣୀରେ ଜଳସ୍ତର ବୃଦ୍ଧି

**ଭଣ୍ଡାରିପୋଖରୀ, ୧୯।୮ (ଡି.ଏନ.ଏ.)**

ବୈତରଣୀ ନଦୀର ଆଖୁଆପଦାଠାରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସୋମବାର ସକାଳ ୬ଟାଠାରୁ ଜଳସ୍ତର ଆଖୁଆପଦାଠାରେ ଦ୍ରୁତଗତିରେ ବୃଦ୍ଧି ପାଇବା ଆରମ୍ଭ କରିଥିଲା। ରାତି ୯ଟା ସୁଦ୍ଧା ୧୭.୮୦ ମିଟରରେ ପହଞ୍ଚିଥିଲା। ଆଖୁଆପଦାଠାରେ ବୈତରଣୀ ନଦୀ ବିପଦ ସଙ୍କେତ ୧୭.୮୩ ମିଟର ରହିଛି। ସୂଚନା ଅନୁସାରେ, ବନ୍ୟାଜଳ ମଧ୍ୟାହ୍ନ ୧୨ଟା ସୁଦ୍ଧା ୧୭.୫୭ ମିଟରରେ ପହଞ୍ଚିଥିଲା। ଅପରାହ୍ନ ୧ ଟାରେ ୧୭.୬୨, ୨ଟାରେ ୧୭.୬୬, ୩ଟାରେ ୧୭.୭୦, ୪ଟାରେ ୧୭. ୭୪ ଓ ୫ଟାରେ ୧୭.୭୬ ମିଟରରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ପରେ ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଇ ୧୭.୮୦ ମିଟର ଛୁଇଁଥିଲା।

ବୈତରଣୀ ନଦୀର ଉପରମୁଣ୍ଡରେ ହୋଇଥିବା ବର୍ଷା ରେକର୍ଡ ଅନୁଯାୟୀ ଆଖୁଆପଦାରେ ୦.୬ ମି.ମି., ଆନନ୍ଦପୁରଠାରେ ୬.୪ ମି.ମି., ସୋମପାଟଣାରେ ୧୨.୪ ମି.ମି., କେନ୍ଦୁଝରରେ ୧୩.୮ ମି.ମି., ଠାକୁରମୁଣ୍ଡାରେ ୧୬.୦ ମି.ମି. ଓ ଚମ୍ପୁଆଠାରେ ୫୧.୪ ମି.ମି. ତଥା ସର୍ବାଧିକ ବର୍ଷା ହୋଇଛି। ବୈତରଣୀରେ ବନ୍ୟାଜଳ ବୃଦ୍ଧି ପାଉଥିବା ଦୃଷ୍ଟିରୁ ସୋମବାର ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ଭଣ୍ଡାରିପୋଖରୀ ବିଡିଓ ବନମାଳି ତରାଇ, ତହସିଲଦାର ମୃତ୍ୟୁଞ୍ଜୟ ଭୁୟାଁ, ଆଖୁଆପଦା ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା ପ୍ରମୁଖ ଆଖୁଆପଦା ଆନିକଟଠାରେ ପହଞ୍ଚି ବନ୍ୟା ସ୍ଥିତି ସମ୍ପର୍କରେ ତଦାରଖ କରି ଫେରିଥିଲେ। ତେବେ ଏହି ବନ୍ୟାଜଳ ବେଶି ବୃଦ୍ଧି ପାଇବାର ଆଶଙ୍କା ନାହିଁ। ଆନନ୍ଦପୁରଠାରେ ବନ୍ୟାଜଳ କମିଲାଣି ବୋଲି ଆଖୁଆପଦା ସହକାରୀ ଯନ୍ତ୍ରୀ ବେହେରା ସୂଚନା ଦେଇଥିଲେ।

**ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ**


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଖୁଆପଦା ପରିଦର୍ଶନ କରୁଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ମହେଶ୍ୱର ଓ ତାଙ୍କ ପରିବାର।

## ଛଟେଇ ପ୍ରତିବାଦରେ ପୁଣି ଧାରଣାରେ ବସିଲେ ସପରିବାର

**ଭଦ୍ରକ ଅଫିସ, ୧୯।୮**

ଭଦ୍ରକ ଜିଲା ବାସୁଦେବପୁରସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରୁ ଛଟେଇ ହୋଇଥିବା ଜଗୁଆଳ ମହେଶ୍ୱର ଯେନା ଓ ତାଙ୍କ ପରିବାର ସୋମବାର ପୁଣି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଛଟେଇ ପ୍ରତିବାଦରେ ଗତ ଜୁଲାଇ ୨୯ ତାରିଖରେ ଧାରଣାରେ ବସିଥିଲେ। ସେତେବେଳେ ଏକ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ସେ ଧାରଣାରୁ ଉଠିଥିଲେ। କିନ୍ତୁ ଏହି ଅବଧି ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସମାଧାନ କରା ନ ଯିବାରୁ ସେ ପୁଣିଥରେ ପରିବାର ସହ ଧାରଣାରେ ବସିଥିବା ମହେଶ୍ୱର କହିଛନ୍ତି।

ଉଲ୍ଲେଖନୀୟ ଯେ, ଜବାହର ନବୋଦୟ ବିଦ୍ୟାଳୟ ଆରମ୍ଭରୁ ସାନକୃଷ୍ଣପୁର ଗାଁର ମହେଶ୍ୱର ଜଗୁଆଳ ଭାବେ କାର୍ଯ୍ୟ କରିଆସୁଥିଲେ। ହେଲେ ୧୭ ମାସର ବକେୟା ଦରମା ନ ଦେଇ ତାଙ୍କୁ ଛଟେଇ କରିଦିଆଯାଇଛି। ଏ ନେଇ ସେ ଜିଲାପାଳ, ଏସ୍‌ପି, ଜିଲା ଶ୍ରମ ଅଧିକାରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ତାଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ କରାଯାଇ ନ ଥିବାବେଳେ କେଉଁ କାରଣରୁ ଛଟେଇ କରାଯାଇଛି ସେ ସମ୍ପର୍କରେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳିନାହିଁ। ସେ ବାଧହୋଇ ତାଙ୍କ ପରିବାର ସହ ଧାରଣା ଦେଇଛନ୍ତି। ରିପୋର୍ଟ ଲେଖା ଯିବା ସୁଦ୍ଧା ଧାରଣା ଜାରି ରହିଥିଲା।

# ଉଦ୍‌ଘାଟନ ପରଠାରୁ ପ୍ରକଳ୍ପ ଅଚଳ

**ଭଦ୍ରକ ଅଫିସ, ୧୯।୮**

■ହୋଇପାରୁନି କାର୍ଯ୍ୟକ୍ଷମ
■ଗଣା ଚାଲିଛି ବିଦ୍ୟୁତ୍ ବିଲ୍

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଓଲଙ୍ଗ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପାର୍ଶ୍ୱରେ ଥିବା ଏକ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ ପରଠାରୁ ବନ୍ଦ ରହିଛି। ଉକ୍ତ ପ୍ରକଳ୍ପ ଉଦ୍‌ଘାଟନର ମାତ୍ର ୧୦ ଦିନ ମଧ୍ୟରେ ଅଚଳ ହୋଇପଡ଼ିଥିଲା। ସେବେଠାରୁ ତାହା ଅକାମୀ ହୋଇ ରହିଛି। କାମରେ ଆସୁନି। ହେଲେ ଏହି ପ୍ରକଳ୍ପ ପାଇଁ ପ୍ରତିବର୍ଷ ବିଦ୍ୟୁତ ଦେୟ ପଞ୍ଚାୟତ ପାଣ୍ଠିରୁ ଗଣା ଚାଲିଥିବା ସୂଚନା ମିଳିଛି।

୨୦୧୧ରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟବରାଦରେ ଏଠାରେ ୪୦ ହଜାର ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କି କରାଯାଇ ଗାଁକୁ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କୌଣସି ଘରକୁ ପାଇପ୍ କନେକ୍ସନ ଦିଆଯାଇ ନ ଥିଲା। କିନ୍ତୁ ଗାଁରେ ୩୯ଟି ଷ୍ଟାଣ୍ଡପୋଷ୍ଟ କରାଯାଇଥିଲା। ୨୦୧୧ ଅକ୍ଟୋବର ୫ ରେ ତତ୍କାଳୀନ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ, ତତ୍କାଳୀନ ଜିଲାପାଳ ଅକ୍ଷୟ ପାଣି ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ନିମ୍ନମାନର କାମ ଯୋଗୁ ଗାଁରେ ବିଛାଯାଇଥିବା ପାଇପଗୁଡ଼ିକ ଫାଟି ଯାଇଥିଲା। ସେବେଠାରୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ବିଭାଗୀୟ ଅଧିକାରୀ କିମ୍ବା ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବା କୁହାଯାଇଛି। ଗ୍ରାମବାସୀ ଏ ନେଇ ବାରମ୍ବାର ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଡିଓ ଉମେଶ ମଲ୍ଲିକଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ଖବର ନାହିଁ, ତଥାପି ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ କହି କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି।


ପାନୀୟ ଜଳ ପ୍ରକଳ୍ପ ।

## ଚାଷଜମିକୁ ଜଳସେଚନ ବ୍ୟବସ୍ଥା ପାଇଁ ଜିଲାପାଳଙ୍କୁ ଗୁହାରି

**ଭଦ୍ରକ ଅଫିସ, ୧୯।୮**

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ୬୪ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଚାନ୍ଦବାଲି ବ୍ଲକ ଯଶିପୁର ପଞ୍ଚାୟତର ଚାଷୀମାନେ ପହଞ୍ଚି ପଞ୍ଚାୟତର ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରିବାକୁ ଜିଲାପାଳଙ୍କ ନିକଟରେ ଗୁହାରି କରିଥିଲେ। ଉକ୍ତ ପଞ୍ଚାୟତର ଚାଷଜମିକୁ ସରକାରୀ ଭାବେ ଜଳସେଚନ ବ୍ୟବସ୍ଥା ନ ଥିବା ସେମାନେ ଅଭିଯୋଗରେ ଦର୍ଶାଇଥିଲେ। ଉଠା ଜଳସେଚନ କିମ୍ବା କେନାଲ ବ୍ୟବସ୍ଥା କରିବାକୁ କାର୍ତ୍ତିକ ବାରିକ, ରାଜେଶ ମହାନ୍ତି, ସୁବାସ ବେହେରା, ଗୌରହରି ସାହୁ, ନିରଞ୍ଜନ ନାୟକ, ଆନନ୍ଦ ଦାସ ଓ ଅନିରୁଦ୍ଧ ବାରିକ ପ୍ରମୁଖ ଦାବି କରିଛନ୍ତି।

## ■ ମରଣାନ୍ତକ ଆକ୍ରମଣ ଘଟଣା
## ମାମଲା ରୁଜୁକରି ଚୁପ୍ ବସିଛି ପୋଲିସ

**ଭଦ୍ରକ ଅଫିସ, ୧୯।୮**

ଭଦ୍ରକ ଜିଲା ପୁରୁଣାବଜାର ଥାନା ଅଧୀନ ଉତ୍ତରବାହିନୀ ଗାଁରେ ପୀତାମ୍ବର ପୁହାଣ ନାମକ ଜଣେ ବ୍ୟକ୍ତିଙ୍କୁ ଗତ ୧୬ ତାରିଖରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏଥିରେ ସେ ଗୁରୁତର ହୋଇ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ତାଙ୍କ ସ୍ତ୍ରୀ ଦ୍ରୌପଦୀ ପୁହାଣଙ୍କ ଅଭିଯୋଗ କ୍ରମେ ପୋଲିସ ସେହି ଗାଁର ୫ ଜଣ ଆକ୍ରମଣକାରୀଙ୍କ ନାଁରେ ମାମଲା ରୁଜୁ କରିଥିଲେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ। ସୋମବାର ଅଭିଯୋଗକାରୀଙ୍କ ପରିବାର ଲୋକ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏସ୍‌ପିଙ୍କୁ ଭେଟି ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରାଯାଉ ବୋଲି ଦାବି କରିଛନ୍ତି।

ଅଭିଯୋଗ ଆଧାରରେ ପୁରୁଣାବଜାର ଥାନା ପୋଲିସ ଉକ୍ତ ଗାଁର ସାର୍ଥକ ପରିଡା, ସିର୍ଦ୍ଧାର୍ଥ ପରିଡ଼ା, ପ୍ରଶାନ୍ତ ପରିଡା, ପ୍ରତିମା ପରିଡା ଓ ତୁଳସୀ ପରିଡାଙ୍କ ବିରୋଧରେ ୩୪୨, ୩୨୩, ୩୨୪, ୩୫୪-ବି, ୫୦୬, ୩୦୭, ୩୪ ଦଫାରେ ମାମଲା (ନଂ.୧୪୯/୧୯) ରୁଜୁ କରିଛି। ହେଲେ ବର୍ତ୍ତମାନ ସୁଦ୍ଧା ପୋଲିସ କାହାରିକୁ ଗିରଫ ନ କରି ଚୁପ୍ ହୋଇ ବସିଛି ବୋଲି ଅଭିଯୋଗ ହୋଇଛି। ଉଭୟ ପରିବାରଙ୍କ ମଧ୍ୟରେ ଜମିଜମାକୁ ନେଇ ଗଣ୍ଡଗୋଳ ଘଟିଛି। ଆକ୍ରମଣକାରୀମାନେ ଘରେ ତାଲା ପକାଇ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଗିରଫ କରାଯାଇପାରି ନାହିଁ ବୋଲି ଥାନାଧିକାରୀ ପ୍ରଜ୍ଞା ମହାନ୍ତି କହିଛନ୍ତି।

# ଶିକ୍ଷା ବ୍ୟବସ୍ଥା ତଥ୍ୟ ସଂରକ୍ଷଣ ପ୍ରଶିକ୍ଷଣ ଶିବିର

**ଭଣ୍ଡାରିପୋଖରୀ,୧୯।୮(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଏକକୃତ ଜିଲା ଶିକ୍ଷା ବ୍ୟବସ୍ଥା ତଥ୍ୟ ସଂରକ୍ଷଣ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢୀ ଏଥିରେ ଅଧକ୍ଷତା କରିଥିଲେ। ଜିଲା ସମ୍ବଳ ପ୍ରଶିକ୍ଷକ ମନୋଜ କୁମାର ନାୟକ, ଏବିଇଓ ଅଭିମନ୍ୟୁ ପ୍ରଧାନ, କୁଳମଣି ପତି, ପୁରୁଷୋତ୍ତମ ଧଳ, ଏମ୍‌ଆଇଏସ୍ ସଂଯୋଜକ ଆଲୋକ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବିଦ୍ୟାଳୟର ଶୈକ୍ଷିକ, ସହଶୈକ୍ଷିକ, ପାରିପାର୍ଶ୍ୱିକ ବ୍ୟବସ୍ଥା ଉପରେ ବିଭିନ୍ନ ତଥ୍ୟ ସଂଗ୍ରହ ଓ ସଂରକ୍ଷଣ କରିବା ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷାର୍ଥୀ, ଶିକ୍ଷକ ଓ ଆନୁସଙ୍ଗିକ ବ୍ୟବସ୍ଥାର ରୂପରେଖ ସମ୍ପର୍କରେ ତଥ୍ୟ ଲିପିବଦ୍ଧ କରିବା ଉପରେ ଆଲୋଚନା ହୋଇଥିଲା। ବ୍ଲକ ଅଧୀନ ପ୍ରତ୍ୟେକ କ୍ଲଷ୍ଟର ସଂଯୋଜକ, ଉଚ୍ଚ ବିଦ୍ୟାଳୟ ଓ ବେସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଶିବିରରେ ଅଂଶଗ୍ରହଣ କରିଥିଲେ। ୨୦୧୭-୧୮, ୨୦୧୮-୧୯ ଏବଂ ୨୦୧୯-୨୦ ଶିକ୍ଷାବର୍ଷର ତଥ୍ୟ ଲିପିବଦ୍ଧ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଶେଷରେ ପ୍ରଧାନଶିକ୍ଷକ ରମାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଶିକ୍ଷକମାନେ।

# କେନାଲବନ୍ଧ ରାସ୍ତା ଶୋଚନୀୟ

**ବନ୍ତ, ୧୯।୮ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକର ଆଡ଼ିଆଠାରୁ ଓଡ଼ଙ୍ଗ ପଞ୍ଚାୟତର ଗୋହିରା ପର୍ଯ୍ୟନ୍ତ ଯାଇଥିବା ଗଣିଜାଙ୍ଗ ମାଇନର କେନାଲ ବନ୍ଧ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ୩ କି.ମି. ରାସ୍ତାରେ ବର୍ଷାଦିନେ ଗାଡିମୋଟର ଯିବା ତ ଦୂରର କଥା ଚାଲି ଚାଲି ଯାତାୟାତ କରିବା କଷ୍ଟକର। କେନାଲ ସଂସ୍କାର ଯୋଜନାରେ ଜଳସେଚନ ବିଭାଗ ପକ୍ଷରୁ କେନାଲର ଗର୍ଭ କଂକ୍ରିଟ ହୋଇଛି। କିନ୍ତୁ କେନାଲ ଗର୍ଭରୁ ଖୋଳା ଯାଇଥିବା ମାଟିକୁ ବନ୍ଧ ଉପରେ ପକାଇ ଦିଆଯାଇଥିବାରୁ ସେହି ମାଟି ଏବେ ବର୍ଷାରେ ଧୋଇ ଆସି କାଦୁଅ ପଚପଚ ହେବାରୁ ରାସ୍ତାରେ ଯାତାୟାତ ଏକପ୍ରକାର ବନ୍ଦ ହୋଇଯାଇଛି। କେନାଲ ଧାରରେ ହୋଇଥିବା ଅଣଓସାରିଆ ରାସ୍ତାରେ ବିପଦପୂର୍ଣ୍ଣ ଭାବେ କେତେକ ଲୋକ ଯିବାଆସିବା କରିବାକୁ ବାଧ ହେଉଛନ୍ତି। ଦୀର୍ଘବର୍ଷ ଧରି ରାସ୍ତାରେ ମୋରମ ମୁଠାଏ ମଧ୍ୟ ପଡ଼ି ନ ଥିବାରୁ ଖରାଦିନେ ଅଦିନିଆ ବର୍ଷାରେ ବି ରାସ୍ତା କାଦୁଅ ହୋଇଯାଏ। ଜିଲା ମୁଖ୍ୟାଳୟ ଭଦ୍ରକକୁ ଯିବା ପାଇଁ କମ୍ ରାସ୍ତା ହୋଇଥିବାରୁ ଏହି ରାସ୍ତା ଉପରେ ପଦି, ଆଡିଆ, ଗିରିଧାରୀନଗର, ଅଡାଳପଙ୍କ, ମୌଦା, ନୂଆପୋଖରୀ, ଓଲଡାଙ୍ଗ ଓ ଧାନଘର ଆଦି ଗ୍ରାମର ଲୋକ ନିର୍ଭର କରନ୍ତି। ସେହିପରି ବ୍ଲକର ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳୀ ଆଗରପଡ଼ାକୁ ଆସିବା ଲାଗି ଗୋହିରା, ସରମରା, ଦେବତାଗଡିଆ, ଟିଲୋ ଆଦି ଗ୍ରାମର ଲୋକ ଏହା ଉପରେ ନିର୍ଭରଶୀଳ। ବର୍ଷାଦିନେ ଯାତାୟାତ ବନ୍ଦ ରହୁଥିବାରୁ କାଦବରାଙ୍ଗ ଦେଇ ଅଧିକ ରାସ୍ତା ବୁଲି ଯିବାକୁ ପଡ଼ିଥାଏ। ପ୍ରାୟ ୧୦ଟି ଗ୍ରାମର ୧୦ ହଜାର ଲୋକ ନିର୍ଭର କରୁଥିବା ଏହି ରାସ୍ତା ମରାମତି କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।


କେନାଲ ପାର୍ଶ୍ୱ ଅଣଓସାରିଆ ରାସ୍ତାରେ ଜଣେ ବ୍ୟକ୍ତି ସାଇକେଲ ନେଇ ଯାଉଛନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

**ବନ୍ତ,୧୯।୮(ଡି.ଏନ.ଏ.)**

■ଜଙ୍ଗଲ ଓ ଗୋଚର ଜମିରେ ଘର
■ପୁରୁଣା ଘର ଉପରେ ବିଲ୍

ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପଞ୍ଚାୟତର କେତେଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ଗ୍ରାମବାସୀ ଭଦ୍ରକ ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ବନ୍ତ ବିଡିଓଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଉକ୍ତ ପଞ୍ଚାୟତରେ ଏସ୍‌ଇସିସି ତାଲିକାରେ ଥିବା ହିତାଧିକାରୀମାନଙ୍କୁ କ୍ରମ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଘର ଦିଆ ନ ଯାଇ ତାଲିକା କ୍ରମରେ ଏପାଖସେପାଖ କରାଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ଘର ତିଆରି ନ କରି ପୁରୁଣା ଘରକୁ ଦେଖାଇ ବିଲ୍ ପାଉଛନ୍ତି। ସେହିପରି ଜଙ୍ଗଲ ଓ ଗୋଚର ଜମିରେ ଏହି ଯୋଜନାରେ ଗୃହ ନିର୍ମାଣ ହୋଇଛି। ଉକ୍ତ ପଞ୍ଚାୟତର ନିମାପଡା, ରାମଚନ୍ଦ୍ରପୁର, ସାହାଡାଗଡିଆ, ଗୋବିନ୍ଦପୁର, ବେଲଗଡିଆ ଆଦି ଗ୍ରାମରେ ଏଭଳି ଅନିୟମିତତା ହୋଇଥିବା ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ କେଉଁ ହିତାଧିକାରୀଙ୍କ କ୍ଷେତ୍ରରେ ଏଭଳି ଅନିୟମିତତା ହୋଇଛି ସେ ସମ୍ପର୍କରେ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

# ଭଡ଼ାଘରେ ସରକାରୀ କାର୍ଯ୍ୟାଳୟ

**ବାସୁଦେବପୁର, ୧୯।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଭଡ଼ାଘରେ ଚାଲୁଥିବା ଦେଖିବାକୁ ମିଳିଛି। ଦୀର୍ଘବର୍ଷ ଧରି କେତେକ ସରକାରୀ ଅଫିସ ଭଡ଼ାଘରେ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ନିଜସ୍ୱ କାର୍ଯ୍ୟାଳୟ ଗୃହ ନିର୍ମାଣ ଦିଗରେ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ୧୯୭୪ ମସିହାରେ ବାସୁଦେବପୁର ବିଜ୍ଞାପିତ ଅଞ୍ଚଳ ଓ ୨୦୧୪ରେ ପୌରପାଳିକାର ମାନ୍ୟତା ହାସଲ କରିଛି। କେନ୍ଦ୍ର ଓ ରାଜ୍ୟ ସରକାର ଭିତ୍ତିଭୂମି ବିକାଶ ଦିଗରେ ଯଥେଷ୍ଟ ଗୁରୁତ୍ୱ ଦେଉଥିବା ବେଳେ ଏଠାରେ କେତେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟର ଭାଗ୍ୟ ନ ବଦଳିବା ଚର୍ଚ୍ଚାର ବିଷୟ ହୋଇଛି।

ଉଲ୍ଲେଖନୀୟ ଯେ, ବାସୁଦେବପୁର ଏକ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ। ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ପରିବାର ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ସମୁଦ୍ର ଓ ନଦୀରୁ ମାଛ ମାରି ପେଟ ପୋଷିଥାନ୍ତି। ଏହି ଅଞ୍ଚଳରେ ୩ଟି ଜେଟି ମଧ୍ୟ ଅଛି। ଅଞ୍ଚଳର ମତ୍ସ୍ୟଜୀବୀ ଓ ମତ୍ସ୍ୟ ଉପରେ ନିର୍ଭରଶୀଳ ବ୍ୟକ୍ତିଙ୍କ ପାଇଁ ଏଠାରେ ସାମୁଦ୍ରିକ ମତ୍ସ୍ୟ ବିଭାଗର କାର୍ଯ୍ୟାଳୟ ଥିଲେ ମଧ୍ୟ ଏହା ଏକ ଭଡ଼ାଘରେ ଚାଲୁଛି। ଗୋଟିଏ ବଖରା ଭଡ଼ାଘରେ କାର୍ଯ୍ୟାଳୟ ଚାଲୁଥିବା ବେଳେ ସରକାରୀ ଫାଇଲପତ୍ର, ଗଡରେଜ ରଖିବା ପାଇଁ ଜାଗା ହେଉନାହିଁ। ପ୍ରତିଦିନ ବିଭିନ୍ନ ତଟବର୍ତ୍ତୀ ଅଞ୍ଚଳରୁ ମତ୍ସ୍ୟଜୀବୀ, ମତ୍ସ୍ୟ ଉପରେ ନିର୍ଭରଶୀଳ ବ୍ୟକ୍ତିମାନେ ବିଭିନ୍ନ କାର୍ଯ୍ୟ ପାଇଁ ଏହି ଅଫିସ୍‌କୁ ଆସୁଥିଲେ ମଧ୍ୟ ଏହା ଭଡାଘରେ ଚାଲୁଥିବାରୁ ଲୋକଙ୍କୁ ଠିକ୍ ଭାବେ ସେବା ଯୋଗାଇ ଦିଆଯାଇପାରୁନି ବୋଲି ସହକାରୀ ମତ୍ସ୍ୟ ଅଧିକାରୀ ଅମର ସାହୁ କହିଛନ୍ତି। ସରକାରୀ ଜାଗା ପାଇଁ ଏକାଧିକବାର ତହସିଲଦାରଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି। ସେହିପରି ବାସୁଦେବପୁର ବିଦ୍ୟୁତ୍ ବିଭାଗର ଏସ୍‌ଡିଓଙ୍କ କାର୍ଯ୍ୟାଳୟ ସମେତ ବାସୁଦେବପୁର ଉପଡାକଘର, ଷ୍ଟେଟ୍‌ବ୍ୟାଙ୍କ, ୪ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଓ ଅବକାରୀ ବିଭାଗ କାର୍ଯ୍ୟାଳୟ ଭଡ଼ାଘରେ ଚାଲୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅବକାରୀ ବିଭାଗ ଅଧିକାରୀ ସ୍ୱନ୍ଦନ ମହାନ୍ତିଙ୍କୁ ପଚାରିବାରୁ ବାସୁଦେବପୁରରେ ଭଡ଼ାଘର ନ ମିଳିବାରୁ ବିଭାଗୀୟ କାର୍ଯ୍ୟାଳୟ ଭଦ୍ରକରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା କହିଥିଲେ। ଭିତ୍ତିଭୂମି ଅଭାବରୁ ସରକାରୀ ସ୍ଥାନରେ ଅଫିସ୍ ହୋଇପାରୁ ନାହିଁ ବୋଲି ସେ କହିଛନ୍ତି। ସେହିପରି ବାସୁଦେବପୁର ପୌରପାଳିକାରେ ୫ଟି ଅଙ୍ଗନୱାଡି କେନ୍ଦ୍ର ଗୃହ ମଧ୍ୟ ଭଡ଼ାରେ ଚାଲିଥିବା ସିଡିପିଓ ଜାନକୀ ଦାସ କହିଛନ୍ତି। ତେବେ ଏ ଦିଗରେ ରାଜସ୍ୱ ବିଭାଗ ତତ୍ପରତା ଦେଖାଇ ସରକାରୀ ଅଫିସ୍ ପାଇଁ ଜାଗା ଯୋଗାଇ ଦେବାକୁ ସାଧାରଣରେ ଦାବି କରାଯାଇଛି।



ଭଡ଼ାଘରେ ଚାଲିଥିବା ବାସୁଦେବପୁର ଉପଡାକଘର।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୦/୨୦୧୯ Balasore, Tuesday, August 20/2019

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ସଜନାଗଡ଼,୧୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଭଉଁରିଆବାଡ଼ ପଞ୍ଚାୟତ ଆନନ୍ଦପୁର ଗ୍ରାମର ବିଜୟ ମଢ଼େଇ (୪୨) ସୋମବାର ଭୋର୍ ସମୟରେ ଶୌଚ ହେବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କ ହାତ, ଛାତି ଏବଂ ମୁହଁରେ ଗଭୀର ଆଘାତ ଲାଗିଛି। ଚିତ୍କାର ଶୁଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବାରୁ ଭାଲୁ ପଳାଇଯାଇଥିଲା। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ବିଜୟଙ୍କୁ ନୀଳଗିରି ଡାକ୍ତରଖାନା ଅଣାଯାଇଛି।







## ମାଛ ଧରିବାକୁ ଯାଇ ଝାଡାବାନ୍ତିର ଶିକାର ଜଣେ ମୃତ, ୭ ଆକ୍ରାନ୍ତ

ରୂପ୍ସା, ୧୯।୮(ଡ଼ି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ମାଛଧରା କେନ୍ଦ୍ରରୁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ମତ୍ସ୍ୟଜୀବୀମାନେ ଝାଡାବାନ୍ତିର ଶିକାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବୈଁଶିଙ୍ଗା ଥାନା ନୟାବସନ୍ତପୁର ଗ୍ରାମର ଚଇତା ସିଂ(୨୩) । ଏ ସଂକ୍ରାନ୍ତରେ ବାହାବଳପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨/୧୯) ରୁଜୁ ହୋଇ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ପରେ ଶବ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଗତ ୧୦ତାରିଖରେ ଅନୀଲ ପାତ୍ରଙ୍କ ସାଗରକନ୍ୟା ବୋଟ ( ନଂ.ଓ ଆର୍ ୦୧ ଏମ୍ ଏମ ୬୩୦) ଯୋଗେ ୧୬ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିଲେ। ୧୬ତାରିଖରେ ୮ଜଣ ମତ୍ସ୍ୟଜୀବୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇପଡିଥିଲେ। ବୋଟ ନେଇ ଫେରିଆସିବା ସମୟରେ ଶନିବାର ସମୁଦ୍ର ଭିତରେ ଚଇତାଙ୍କ ମୃତ୍ୟୁ ଘଟିଥିବା ଆଇଆଇସି ଲକ୍ଷ୍ମଣ ବେହେରା ଅସୁସ୍ଥ ଅନ୍ୟ ୭ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କର ବାଲେଶ୍ୱର ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ସେମାନଙ୍କ ମଧ୍ୟରୁ ଆଉ ଜଣଙ୍କର ଅବସ୍ଥା ଗୁରୁତର ଥିବା ଜଣାପଡିଛି।

### ଫୋରେନ୍‌ସିକ ପରୀକ୍ଷା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ମାଟି ଖୋଳି ବାହାର କରାଗଲା ମହିଳାଙ୍କ କଙ୍କାଳ

ଚାନ୍ଦବାଲି,୧୯।୮ (ଡି.ଏନ.ଏ.)

ମୃତ୍ୟୁର ୫ ବର୍ଷ ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜଣେ ମହିଳାଙ୍କ ମୃତଦେହର ଫୋରେନ୍‌ସିକ ପରୀକ୍ଷା ପାଇଁ ଶ୍ମଶାନରୁ ମାଟି ଖୋଳି ଅସ୍ଥି, କଙ୍କାଳ ବାହାର କରାଯାଇଛି। ସୋମବାର ଏଭଳି ଘଟଣା ଭଦ୍ରକ ଜିଲା ଧାମରା ନିକଟସ୍ଥ ନରସିଂହପ୍ରସାଦ ଗ୍ରାମରେ ଦେଖିବାକୁ ମିଳିଛି।

ଉଲ୍ଲେଖନୀୟ ଯେ, ଏହି ଗାଁର ବୃନ୍ଦାବନ ମହାନ୍ତିଙ୍କ ସ୍ତ୍ରୀ ଶକୁନ୍ତଳା (୫୦)ଙ୍କର ୨୦୧୪ରେ ମୃତ୍ୟୁ ହୋଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପରିବାର ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରା ନ ଯାଇ ଗାଁ ଶ୍ମଶାନରେ ପୋତି ଦିଆଯାଇଥିଲା। ବୃନ୍ଦାବନ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ଉଦ୍ୟମ କରିବା ସହ ୨୦୧୬ରେ ହାଇକୋର୍ଟରେ ଏକ ମାମଲା (ନଂ.୧୪୮୩/୨୦୧୬) ଦାଏର କରିଥିଲେ। ଶକୁନ୍ତଳାଙ୍କ ମୃତଦେହର ଫୋରେନ୍‌ସିକ ପରୀକ୍ଷା ପାଇଁ ସେ ଆବେଦନ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେ ଏ ନେଇ ୨୦୧୮ରେ ବାଂଶଡ଼ା ଥାନାରେ ଏତଲା ଦେବା ପରେ ମାମଲା(ନଂ.୧୭୧/୧୮) ରୁଜୁ ହୋଇଥିଲା। ଶକୁନ୍ତଳାଙ୍କୁ ତାଙ୍କ ବୋହୂ ମାରି ଦେଇଥିବା ବୃନ୍ଦାବନ ଏତଲାରେ ଦର୍ଶାଇଥିଲେ। ହାଇକୋର୍ଟ ବୃନ୍ଦାବନଙ୍କ ଆବେଦନକୁ ବିଚାରକୁ ନେଇ ଶକୁନ୍ତଳାଙ୍କ ମୃତଦେହର ଫୋରେନ୍‌ସିକ ପରୀକ୍ଷା ପାଇଁ ନିକଟରେ ନିର୍ଦ୍ଦେଶ ଦେଇଛନ୍ତି। ମାଜିଷ୍ଟ୍ରେଟ, ପୋଲିସ ଓ ଗ୍ରାମବାସୀ ତଥା କେତେକ ସାକ୍ଷୀଙ୍କ ଉପସ୍ଥିତିରେ ସୋମବାର ଶ୍ମଶାନରୁ ମାଟି ଖୋଳାଯାଇ ନମୁନା ସଂଗ୍ରହ କରି ଫୋରେନ୍‌ସିକ ପରୀକ୍ଷା ଲାଗି ପଠାଯିବାର ବ୍ୟବସ୍ଥା କରାଯାଇଛି।

**୫ ବର୍ଷ ତଳେ ହୋଇଥିଲା ମୃତ୍ୟୁ**



ନରସିଂହପ୍ରସାଦ ଗ୍ରାମରେ ନମୁନା ସଂଗ୍ରହ ପାଇଁ ଶ୍ମଶାନରେ ମାଟି ଖୋଳା ଚାଲିଛି।

# ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

ଖୁଣ୍ଟା,୧୯।୮(ଡି.ଏନ୍.ଏ)

ଧାନ କିଣାରେ ଅବ୍ୟବସ୍ଥାକୁ ନେଇ ସୋମବାର ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ବାହାନଡା ଲ୍ୟାମ୍ପସ କାର୍ଯ୍ୟାଳୟରେ ଚାଷୀମାନେ ତାଲା ପକାଇ ଦେଇଥିଲେ। ଚାଷୀମାନେ ନିଜ କେନ୍ଦ୍ରରେ ଧାନ ବିକ୍ରି କରି ପାରୁ ନ ଥିବା ଦର୍ଶାଇ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ବାହାନଡା ଲ୍ୟାମ୍ପସ ଅଧୀନରେ ଥିବା ବାହାନଡ଼ା ଓ ଭୋଳାଗଡ଼ିଆ କେନ୍ଦ୍ରରେ ସେମାନେ ସୁବିଧାରେ ଧାନ ବିକ୍ରି କରି ଆସୁଥିଲେ। ମାତ୍ର ଗତ ରବି ଋତୁରେ ଲ୍ୟାମ୍ପସରେ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରାଯାଇଥିଲେ ମଧ ପରବର୍ତ୍ତୀ ସମୟରେ ଧାନ ନ କିଣିବା ପାଇଁ ନିର୍ଦ୍ଦେଶ ଆସିଛି ବୋଲି ଲ୍ୟାମ୍ପସର ଏମ.ଡି କହିଥିଲେ। ଏହି ଘଟଣା ସମ୍ପର୍କରେ ସେତେବେଳେ କେତେକ ଚାଷୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ମାତ୍ର ୧୬ ଜଣ ଚାଷୀ ୨୫୦ କୁଇଣ୍ଟାଲ ଧାନ ବିସିପୁର ଲ୍ୟାମ୍ପସରେ ବିକ୍ରି କରିଥିଲେ। ଖରିଫ ଋତୁରେ ଅମଳ ଧାନକୁ ଲ୍ୟାମ୍ପସ କିଣିବ ବୋଲି ସେତେବେଳେ ଚାଷୀମାନଙ୍କୁ କୁହାଯାଇଥିଲା। ମାତ୍ର ବର୍ତ୍ତମାନ ଖରିଫ ଋତୁ ଧାନ ବିକ୍ରୟ ପାଇଁ ଅନ୍‌ଲାଇନ ପଞ୍ଜିକରଣ ଚାଲିଥିବା ବେଳେ ବାହାନଡା ଲ୍ୟାମ୍ପସରେ ପଞ୍ଜିକରଣ କରାଯାଉ ନାହିଁ। ଚାଷୀମାନଙ୍କୁ ଗାଁଠାରୁ ୩୫ କି.ମି ଦୂର ବିସିପୁର ଲ୍ୟାମ୍ପସରେ ଅନଲାଇନ ପଞ୍ଜିକରଣ କରିବା ପାଇଁ କୁହାଯାଉଛି। ଫଳରେ ଭୋଳାଗଡ଼ିଆ ଧାନ କିଣା କେନ୍ଦ୍ର ଅଧୀନ ଭୋଳାଗଡ଼ିଆ, ବଡ଼ ପଥରା ଓ ଡେଙ୍ଗାମ ଗ୍ରାମର ଚାଷୀମାନେ ଧାନ କେଉଁଠି ବିକିବେ ଆଶଙ୍କା କରି ଲ୍ୟାମ୍ପସ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଅପରାହ୍ନରେ ଏଆରସିଏସ ଦୁଃଖିଆ ଟୁଡୁ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରି ସେମାନଙ୍କର ଦାବି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ମାନେ କାର୍ଯ୍ୟାଳୟରୁ ତାଲା ଖୋଲିଥିଲେ ।

**ଧାନ କିଣାରେ ଅବ୍ୟବସ୍ଥା**



ଚାଷୀମାନେ ଲ୍ୟାମ୍ପସ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ରଶି ଲଗାଇ ଛାତ୍ରଙ୍କ ଆତ୍ମହତ୍ୟା

ଝୁମ୍ପୁରା, ୧୯।୮ (ଡି.ଏନ.ଏ.)- ବାରିଆ ଥାନା ଅନ୍ତର୍ଗତ ବଡନେଉଳି ଗ୍ରାମରେ ଥିବା ବିଦ୍ୟାଭବନ ପାଖ ଜଙ୍ଗଲରୁ ବାରିଆ ପୋଲିସ ସୋମବାର ମଧାହ୍ନ ସମୟରେ ଏକ ନାବାଳକର ମୃତଦେହ ଗଛରେ ଟାଙ୍ଗି ହୋଇ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରିଛି। ମୃତ ନାବଳକଙ୍କ ନାମ ରାଜେଶ ମାରାଣ୍ଡି (୧୪ବର୍ଷ)। ତାଙ୍କ ଘର ବଡନେଉଳି ଗ୍ରାମରେ ହୋଇଥିବା ବେଳେ ସେ ନିକଟସ୍ଥ ନୋଡାଲ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନା ଅନୁଯାୟୀ ରାଜେଶ ଗତ ରବିବାର ପାଖରୁ ରାତି ସମୟରେ ଘରୁ ଖାଇପିଇ ବାହାରକୁ ଚାଲି ଯାଇଥିଲେ। ଆଉ ଘରକୁ ଫେରି ନ ଥିଲେ। ସୋମବାର କେତେକ ଗ୍ରାମବାସୀ ଛତୁ ଗୋଟାଇବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଏକ ଶାଳ ଗଛରେ ବେକରେ ରଶି ଲଗାଇ ରାଜେଶ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ଗ୍ରାମବାସୀ ରାଜେଶଙ୍କ ଘରକୁ ଖବର ଦେବା ସହିତ ବାରିଆ ଥାନାକୁ ଖବର ଦେଇଥିଲେ। ମଧାହ୍ନ ସମୟରେ ବାରିଆ ଥାନା ପୋଲିସ ମୃତ ଦେହକୁ ଗଛରୁ ଓହ୍ଲାଇବା ସହିତ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ମୃତକ ପାଖରୁ ଏକ ସୁଇସାଇଡ ନୋଟ ଜବତ କରିଥିବା ବାରିଆ ଥାନା ଅଧିକାରୀ ସୁଶାନ୍ତ ମହାନ୍ତ ସୂଚନା ଦେଇଛନ୍ତି।

### ଟ୍ରକ ଭିତରୁ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର

ଚମ୍ପୁଆ, ୧୯।୮(ଡି.ଏନ.ଏ.)-ଚମ୍ପୁଆ ଥାନା ଅନ୍ତର୍ଗତ ନାରଦପୁର ଜାତୀୟ ରାଜପଥ କଡରେ ଏକ ଟ୍ରକ ମଧରୁ ଡ୍ରାଇଭରଙ୍କ ମୃତଦେହ ଚମ୍ପୁଆ ପୋଲିସ ଉଦ୍ଧାର କରିଛି। ମୃତ ଡ୍ରାଇଭର ଜଣକ ହେଲେ ପର୍ଜଙ୍ଗ ଥାନା ବଡ ପଳାଶୁଣି ଗ୍ରାମର ରାଜେଶ ମୁଦୁଲି। ସୂଚନା ଅନୁସାରେ ଗତ ରବିବାର ରାତି ଟ୍ରକ ନଂ ଓଡି୦୫ବି-୭୭୭୨ ଗାଡିର ଡ୍ରାଇଭର ରାଜେଶ ଜାତୀୟ ରାଜପଥର କଡରେ ଗାଡି ରଖି ଗାଡି ମଧରେ ଶୋଇଥିଲେ। ମାତ୍ର ସକାଳୁ ଅନ୍ୟ ଏକ ଟ୍ରକର ଡ୍ରାଇଭର ଓ ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ଡାକିଥିଲେ ମଧ ସେ ଉଠିନଥିଲେ। ଦୀର୍ଘ ସମୟ ଧରି ଟ୍ରକ ଡ୍ରାଇଭର ଜଣକ ନ ଉଠିବାରୁ ଏ ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଥିଲେ। ଅଭିଯୋଗ ପରେ ଚମ୍ପୁଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଡ୍ରାଇଭରର ମୃତ ଦେହ ଉଦ୍ଧାର କରିବା ସହିତ ଚମ୍ପୁଆ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଅଧିକ ତଦନ୍ତ ଜାରି ରଖିଛି।

### ଡାକ୍ତରଖାନାରେ ରୋଗୀଙ୍କୁ ମିଳୁନି ଚଷମା

ଚମ୍ପୁଆ, ୧୯।୮(ଡି.ଏନ.ଏ.)- ୧୯୧୦ ମସିହାରେ ନିର୍ମିତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଚକ୍ଷୁ ବିଭାଗ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେଉଥିଲେ ବି ରୋଗୀଙ୍କ ଆବଶ୍ୟକତା ପୂରଣ କରିବାରେ ବିଫଳ ହେଉଥିବା ପରିଲକ୍ଷିତ ହେଉଛି। ଦିନକୁ ଦିନ ଚମ୍ପୁଆ ଉପଖଣ୍ଡରେ ଚକ୍ଷୁଜନିତ ରୋଗ ଓ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହି ରୋଗର ଚିକିତ୍ସା ପାଇଁ ଉପଖଣ୍ଡ ଚିକିତ୍ସାଳୟରେ ଚକ୍ଷୁ ବିଭାଗ ପକ୍ଷରୁ ଚକ୍ଷୁ ଚିକିତ୍ସା କରାଯାଉଥିଲେ ମଧ ରୋଗୀମାନେ ଚଷମା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଫଳରେ ସୁନେତ୍ର ଯୋଜନାର ସଫଳତା ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁସାରେ ଚମ୍ପୁଆ ଡାକ୍ତରଖାନାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ସୁନେତ୍ର ମାଧମରେ ଉତ୍ତମ ଦୃଷ୍ଟି-ଉତ୍ତମ ଜୀବନ ପରିପ୍ରେକ୍ଷୀରେ ସମୀପ, ଦୂର ଓ ଦୃଷ୍ଟିବୈଷମ୍ୟ ଆଦି ଚକ୍ଷୁଜନିତ ରୋଗକୁ ମାଗଣା ପରୀକ୍ଷା କରାଯାଇ ରୋଗୀଙ୍କୁ ମାଗଣା ଚଷମା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏଥିପାଇଁ ରୋଗୀଙ୍କ ଫ୍ରେମ ସାଇଜ, ରଙ୍ଗ ସହିତ ଫ୍ରେମଟି ମେଟାଲ ବା ପ୍ଲାଷ୍ଟିକ ତାହା ଉଲ୍ଲେଖ କରାଯିବା ସହ କେଉଁ ଚଷମା ଆବଶ୍ୟକ ତାହା ଜିଲା କାର୍ଯ୍ୟାଳୟକୁ ପଠାଇବାର ୧୫ ଦିନ ପରେ ରୋଗୀଙ୍କୁ ଚଷମା ପ୍ରଦାନ କରିବା କଥା, ହେଲେ ଚମ୍ପୁଆ ଡାକ୍ତରଖାନାରେ ତାହା ଉପଲବ୍ଧ ହେଉନାହିଁ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦ରୁ ଉର୍ଦ୍ଧ ରୋଗୀଙ୍କ ପାଇଁ ଚଷମା ବରାଦ କରାଯାଇଥିଲେ ମଧ ତାହା ମିଳିପାରିନାହିଁ। ସୂଚନାଯୋଗ୍ୟ କି ଜୁନ୍ ମାସରେ ରାଜ୍ୟ ସଂଯୋଜକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲା ପ୍ରୋଗ୍ରାମ ମ୍ୟାନେଜର ଏବଂ ଚକ୍ଷୁ ସହାୟକଙ୍କୁ ନେଇ କରାଯାଇଥିବା ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଅଗଷ୍ଟ ଶେଷ ହେବାକୁ ବସିଥିଲେ ମଧ ରୋଗୀମାନଙ୍କୁ ଚଷମା ମିଳିନାହିଁ। ତୁରନ୍ତ ଏଥିପ୍ରତି ଜିଲା ସ୍ୱାସ୍ଥ୍ୟବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

■ ସାପ କାମୁଡ଼ାରେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ

# ଡାକ୍ତରଖାନାରେ ଚିକିତ୍ସା ଅବହେଳା ଅଭିଯୋଗ

କେନ୍ଦୁଝର, ୧୯।୮ (ସ୍ୱ.ପ୍ର./ଡି.ଏନ୍.ଏ.)

ସଦର ବ୍ଲକ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଅବହେଳା ଯୋଗୁ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କ ମୃତ୍ୟୁ ହୋଇଛି । ଏଭଳି ଅଭିଯୋଗ ପରିବାର ଲୋକ ତଥା ଅଙ୍ଗନୱାଡ଼ି ସଂଘ ପକ୍ଷରୁ କରାଯାଇଛି । ମୃତ ମହିଳାଙ୍କ ନାମ କାମିନୀ ମୁଣ୍ଡା (୩୧)। ତାଙ୍କ ଘର ବାଙ୍କମାରୁଣୀ ଗ୍ରାମରେ। ଏହି ଘଟଣାକୁ ନେଇ କର୍ମୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଘେରାଉ କରିଥିଲେ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଅଙ୍ଗନୱାଡି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ଘଟଣାକୁ ନେଇ ବୈଶାଖୁ ପଳାଶପଙ୍ଗା ଫାଣ୍ଡିରେ ଲିଖିତ ଏତଲା ଦେଇଥିବା ଜଣାପଡିଛି। ପୋଲିସ ଘଟଣାର ଅଧିକ ଅନୁସନ୍ଧାନ କରୁଥିବା ବେଳେ ଏନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



ଜିଲାମୁଖ୍ୟ ଡାକ୍ତରଖାନାରେ ଲୋକେ ପ୍ରତିବାଦ କରୁଛନ୍ତି।

ପ୍ରକାଶ ଯେ ଶୁକ୍ରବାର ରାତିରେ କାମିନୀ ତାଙ୍କ ସ୍ୱାମୀ ବୈଶାଖୁ ମୁଣ୍ଡାଙ୍କ ସହିତ ଘରୁ ପଦାକୁ ବାହାରିଥିବା ବେଳେ ବର୍ଷାପାଗରେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ଘରକୁ ଫେରିବା ପରେ କାମିନୀଙ୍କ ମୁଣ୍ଡ ବୁଲାଇଥିଲା। ତାଙ୍କ ସ୍ୱାମୀ ତାଙ୍କୁ ସ୍ଥାନୀୟ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ତାଙ୍କୁ ଜଣେ ଡାକ୍ତର ଆଡମିଶନ କରିଥିଲେ। ପରେ କିଛି ହୋଇ ନାହିଁ ବୋଲି କହି କିଛି ଔଷଧ ଦେଇ ଘରକୁ ପଠାଇଦେଇଥିଲେ। ଘରେ ପହଞ୍ଚିବା ପରେ ତାଙ୍କର ମୁଣ୍ଡ ବିନ୍ଧା ଅସହ୍ୟ ହୋଇ ଗୁରୁତର ହୋଇ ପଡିବାରୁ ଏକ ଗାଡି କରି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ତାଙ୍କ ସ୍ୱାମୀ ନେଇଥିଲେ। ସେଠାରେ ଡାକ୍ତର ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଶନିବାର ପଳାଶପଙ୍ଗା ଫାଣ୍ଡି ପୋଲିସ ଅଧିକାରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସେଠାରେ ଚିକିତ୍ସା କରିଥିବା ଡାକ୍ତରଙ୍କ ଖାମଖିଆଲ ମନୋଭାବ ଯୋଗୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନ ପଠାଇ ଘରକୁ ପଠାଇଦେବାରୁ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ତେବେ ବିଳମ୍ବରେ ଜିଲା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା ବୋଲି ବିଏମସି ସମ୍ପାଦକ ଡାକ୍ତର ମହାନ୍ତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

■ ୨୬ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ଘଟଣା

# ୪ ସପ୍ତାହ ମଧ୍ୟରେ ପରୀକ୍ଷାଫଳ ପ୍ରକାଶ ଦାବି

କେନ୍ଦୁଝର, ୧୯।୮ (ସ୍ୱ.ପ୍ର. )

ଘଟଗାଁ ସ୍ଥିତ ମା' ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଗଣିତ ପ୍ରଶ୍ନ ପତ୍ର ଡାକରେ ହଜିଯିବା ଓ ପରୀକ୍ଷା ଫଳ ୱିଥହେଲଡ ହୋଇ ଫଳ ପ୍ରକାଶ ପାଇବାରେ ବିଳମ୍ବ ଘଟୁଥିବାରୁ ଅନିଶ୍ଚିତତା ମଧ୍ୟରେ ଅଟକି ରହିଛି ୨୬ ଛାତ୍ରୀଛାତ୍ରଙ୍କ ଭାଗ୍ୟ । ତୃତୀୟ ବର୍ଷର ଫାଇନାଲ ପରୀକ୍ଷା ଫଳାଫଳ ବାହାରି ସାରିଥିଲେ ହେଁ ଉକ୍ତ ଗଣିତ ବିଷୟର ଫଳ ପ୍ରକାଶ ପାଇପାରି ନ ଥିବାରୁ ପରୀକ୍ଷା ଫଳ ସ୍ଥଗିତ ରହିଛି । ଏହାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ, ନୂଆଦିଲ୍ଲୀର ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକୁ ଗ୍ରହଣ କରି ଜାତୀୟ ମାନବାଧିକାର କମିଶନ ଡାଏରୀ ନମ୍ବର ୯୭୩୦/ଆଇଏନ/୨୦୧୯ ରେ ଏହାର ତଦନ୍ତ କରୁଥିବା ଜଣାପଡିଛି। ୪ ସପ୍ତାହ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ କରିବା ସହ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦେଶ କରିବାକୁ ନିବେଦନ କରିଛନ୍ତି। ସେହିପରି ପ୍ରତ୍ୟେକ ପିଲାଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରି କମିଶନଙ୍କୁ ଜଣାଇବା ସହ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା ପାଇଁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଆଦେଶ କରିବାକୁ ଆବେଦନରେ ଅନୁରୋଧ କରିଛନ୍ତି।

ପ୍ରକାଶ ଯେ ୨୦୧୮ ମସିହାରେ ଯୁକ୍ତ ୩ର ଏହି ପରୀକ୍ଷାର୍ଥୀ ଚତୁର୍ଥ ସେମିଷ୍ଟର (ଗଣିତ) ପରୀକ୍ଷା ଦେଇଥିଲେ । ଏହି ପରୀକ୍ଷା ଖାତା ସିଧାସଳଖ ଡାକ ଯୋଗେ ଉଦଳା କଲେଜକୁ ପଠାଯାଇଥିବା ଘଟଗାଁ କଲେଜର ଅଧ୍ୟକ୍ଷ କହିଛନ୍ତି। ତେବେ ପରୀକ୍ଷା ଫଳ ଘୋଷଣା ନ ହୋଇ ସ୍ଥଗିତ ହୋଇଥିଲେ ହେଁ ଆବଶ୍ୟକ ପଦକ୍ଷେପ ନିଆ ନ ଯିବାରୁ ଫଳ ପ୍ରକାଶ ହୋଇପାରିଲା ନାହିଁ ବୋଲି ଅଭିଯୋଗ ହୋଇଛି । ତେବେ ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ତେବେ ଅଦ୍ୟାବଧି ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିବାରୁ ଉଚ୍ଚ ଶିକ୍ଷା ଆବେଦନ କରିପାରୁ ନ ଥିବାରୁ ଚଳିତ ବର୍ଷ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବା ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହି ଘଟଣାକୁ ନେଇ ମନ୍ତ୍ରୀ ଅରୁଣ ସାହୁ ଟୁଇଟ କରି ଜଣାଇଛନ୍ତି ଯେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୁଧବାର ସୁଦ୍ଧା ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ସେ ଟୁଇଟ ମାଧ୍ୟମରେ ଜଣାଇଛନ୍ତି।

## ବିଜ୍ଞାନ ମେଳାରେ ଯୋଗ ଦେଲେ ୨୫୩ ଛାତ୍ରୀଛାତ୍ର

ବଡବିଲ, ୧୯।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଏକ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡମ୍ବରୁଧର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଘରୋଇ କମ୍ପାନୀ ପଦାଧିକାରୀ ଜଗବନ୍ଧୁ କର ଯୋଗଦେଇ ଉଦଘାଟନ କରି ବିଜ୍ଞାନର ଉପକାରିତା ବିଷୟରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଏହି ମେଳାରେ ବିଦ୍ୟାଳୟର ଶିଶୁ, ବାଲ ଓ କିଶୋର ଇତ୍ୟାଦି ତିନୋଟି ବର୍ଗରେ ମୋଟ ୨୫୩ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ବିଜ୍ଞାନ ପ୍ରକଳ୍ପ ସହ ବିଜ୍ଞାନ ପ୍ରଶ୍ନମଞ୍ଚ, ପ୍ରୟୋଗ ଓ ପ୍ରଶ୍ନବାଚନ ଏବଂ ଗଣିତ ପ୍ରଶ୍ନମଞ୍ଚ, ପ୍ରୟୋଗ ଓ ସଂସ୍କୃତି ବିଜ୍ଞାନ ଆଦିର ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଏହି ମେଳାର ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ନନ୍ଦିନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ, ଅଭିଭାବକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଯୋଗଦେଇଥିଲେ।

# ପ୍ରୋଟକଲ୍ ଭଙ୍ଗା ଘଟଣାକୁ ନେଇ ସୋସିଆଲ୍ ମିଡିଆରେ ଚର୍ଚ୍ଚା

ଆନନ୍ଦପୁର, ୧୯।୮(ସ୍ୱ.ପ୍ର.)

ଆନନ୍ଦପୁର ଷ୍ଟାଡିୟମ୍ ଠାରେ ସଦ୍ୟ ପାଳିତ ହୋଇଯାଇଥିବା ୭୩ ତମ ସ୍ୱାଧୀନତା ଦିବସରେ ପାଳନ ଅବସରରେ ମୁଖ୍ୟଅତିଥି ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାରେ ସାହୁ ଅଭିବାଦନ ଗ୍ରହଣ କରିବା ସମୟରେ ପ୍ରୋଟକଲ୍ ଭଙ୍ଗା ଯାଇଥିବା ଘଟଣାକୁ ନେଇ ସାମାଜିକ ଗଣମାଧମରେ ଚର୍ଚ୍ଚା ଭାଇରାଲ ହେବାରେ ଲାଗିଛି। ଉପଜିଲାପାଳ ଅଭିବାଦନ ଗ୍ରହଣ କରିବା ସମୟରେ ବହୁ ପଦାଧିକାରୀ ପେଣ୍ଡାଲରେ ଛିଡାହେବା ଲାଗି ଦୃଶ୍ୟମାନ ହୋଇଥିବା ଘଟଣା ଏବେ ଚର୍ଚ୍ଚାର ପରିସରକୁ ଆସିଛି। ମାତ୍ରାଧିକ ଅଧିକାରୀଙ୍କ ଉପସ୍ଥିତି ମୁଖ୍ୟଅତିଥିଙ୍କ ଉପସ୍ଥିତିକୁ ଦୃଷ୍ଟି ଆଢୁଆଳରେ ରଖିଥିଲା। ଏପରିକି ପ୍ରଧାନମନ୍ତ୍ରୀଙ୍କ ଭିଭିଆଇପି ପ୍ରଥା ଉଚ୍ଛେଦ ଘଟଣାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ହୋଇଥିବା ପ୍ରସ୍ତୁତି ବୈଠକରେ ପେଣ୍ଡାଲରେ ମୁଖ୍ୟଅତିଥିଙ୍କ ବ୍ୟତୀତ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ମୁଖ୍ୟଅତିଥିଙ୍କୁ ପେଣ୍ଡାଲକୁ ପାଛୋଟି ଆଣିବା ନିମନ୍ତେ ଅଧିକାରୀ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମୋଟ ୪ ଜଣ ଉପସ୍ଥିତ ରହିବା ପାଇଁ ସ୍ଥିର କରାଯାଇଥିବାବେଳେ ଏଠାରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା।

# ଠକାମିର ଶିକାର ହୋଇଥିବା ୩ ଯୁବକ ଗାଁକୁ ଫେରିଲେ


ଗାଁକୁ ଫେରିଥିବା ୩ ଦାଦନ ଶ୍ରମିକ

ପାଟଣା,୧୯।୮(ସଂ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ବଡ଼ବିଲ ପଞ୍ଚାୟତ ଟଭାସରୁଆ ଗ୍ରାମର ୪ଜଣ ଯୁବକଙ୍କୁ ଉକ୍ତ ଗ୍ରାମର ୩ ଦଲାଲ ରାଜସ୍ଥାନର ବୈଶାଳୀ ନଗରରେ ଏକ ଆଇସ୍କ୍ରିମ ଫ୍ୟାକ୍ଟ୍ରିରେ ବିନା ଦରମାରେ କାମ କରାଉଥିବା ଜୁଲାଇ ୨୦ତାରିଖରେ ପାଟଣା ଥାନାରେ ସେମାନଙ୍କ ମା'ମାନେ ଅଭିଯୋଗ କରିଥିଲେ। ତାପରେ ୪ ଯୁବକ ଘର ଲୋକଙ୍କୁ କୌଶଳକ୍ରମେ ଅନ୍ୟ କାହା ଫୋନରୁ ଫୋନ କରି ସେମାନଙ୍କୁ ଉଦ୍ଧାର କରିବା ପାଇଁ ଜଣାଇଥିଲେ। ପ୍ରଥମେ ଅଗଷ୍ଟ ୯ ତାରିଖରେ ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ପରେ ଅଗଷ୍ଟ ୧୫ ତାରିଖ ପାଟଣା ପୋଲିସ ଓ ପାଟଣା ବିଧାୟକ ଜଗନ୍ନାଥ ନାଏକ ଟଭାସରୁଆ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ବିଧାୟକ ଜଗନ୍ନାଥ ନାଏକ ଜିଲା ପ୍ରଶାସନକୁ ମଧ ଅବଗତ କରିଥଲେ। ୪ ଯୁବକଙ୍କ ମଧରୁ ୩ ଯୁବକ ରାଜା ମହାରଣା, ଲଗେଶନାଏକ ଓ ବଳରାମ ମହାକୁଡ଼ ସୋମବାର ଘରକୁ ଫେରିଆସିଥିବା ବେଳେ ସାଗର ମହାକୁଡ଼ଙ୍କର କୌଣସି ଖବର ମିଳିପାରିନାହିଁ। ଏହି ଯୁବକ ମାନଙ୍କୁ କର୍ମସ୍ଥଳୀରେ ଅକଥନୀୟ ନିର୍ଯାତନା ଦିଆ ଯାଉଥିଲା ବୋଲି ସେମାନେ କହିଛନ୍ତି। ତେବେ ସାଗରଙ୍କ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ଏହି ଅଞ୍ଚଳରୁ ଆହୁରି ଅନେକ ଯୁବତୀ ଯୁବକ ଦାଦନ ଖଟିବାକୁ ଯାଇ ବାହାର ରାଜ୍ୟରେ ଫସିଥିବା ସୂଚନା ମିଳୁଛି। କେନ୍ଦୁଝର ଜିଲା ଓ ସାହାରପଡା ବ୍ଲକ ଅଞ୍ଚଳରେ ଏକ ବଡ଼ ର୍ୟାକେଟ ସକ୍ରିୟ ରହି ଯୁବତୀ ଓ ଯୁବକଙ୍କୁ ଚାକିରି ପ୍ରଲୋଭନ ଦେଖାଇ ବାହାର ରାଜ୍ୟକୁ ଅନାୟଶରେ ଚାଲାଣ କରୁଥିବା ସୂଚନା ମିଳିଛି। ତୁରନ୍ତ ଜିଲା ପ୍ରଶାସନ ଓ ଶ୍ରମ ଅଧିକାରୀ ଏଥିରେ ହସ୍ତକ୍ଷେପ କରି ପ୍ରକୃତ ଦୋଷୀଙ୍କୁ ଦଣ୍ଡ ଦେବାକୁ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ତରଫରୁ ଦାବି ହେଉଛି।

■ ଅପହଞ୍ଚ ଗୃହ ନିର୍ମାଣ ଯୋଜନା

# ଗୋଟିଏ କୁଡ଼ିଆରେ ୬ ପ୍ରାଣୀ

ତେଲକୋଇ,୧୯।୮(ଡି.ଏନ.ଏ.)

କେନ୍ଦୁଝର ଜିଲାର ତେଲକୋଇ ଆଦିବାସୀ ବହୁଳ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ମୋ କୁଡ଼ିଆ ଯୋଜନାରେ ସମସ୍ତ ପରିବାରକୁ ସାମିଲ କରାଯାଉଛି। ତେବେ ଏହି ବ୍ଲକର ଜଗମୋହନପୁର ପଞ୍ଚାୟତର ଜଣେ ବିପିଏଲ ପରିବାର ଏଥିରୁ ବଞ୍ଚିତ ହୋଇ ନିଜ ଜମିରେ ଏକ କୁଡିଆରେ ୬ଜଣ କୁଟୁମ୍ବକୁ ନେଇ ପରିବାର ରହୁଛନ୍ତି। ଉକ୍ତ ଜମି ସଂଲଗ୍ନ ହାତୀଙ୍କ ଉତ୍ପାତ ରହୁଥିବା ବେଳେ ସରକାରୀ ଯୋଜନାରୁ ବଞ୍ଚିତ ପରିବାର ସରକାରଙ୍କ ଯୋଜନା ମିଳିଲେ ଗୃହ ନିର୍ମାଣ କରିବା ଆଶା ବଳବତ୍ତର ରହିଛି । ପରିବାରର ମୁଖ୍ୟ ପ୍ରହଲ୍ଲାଦ ପ୍ରଧାନ(୭୦) ବହୁ ଉଦ୍ୟମ କରି ଗୃହ


କୁଡିଆ ସାମ୍ନାରେ ପ୍ରହଲ୍ଲାଦଙ୍କ ପରିବାର।

ଖଣ୍ଡେ ପାଇ ପାରିଲେ ନାହିଁ । ନିଜ ଉଦ୍ୟମରେ ଜମିରେ ଏକ କୁଡିଆ କରି ରହିବାକୁ ଶ୍ରେୟ ମଣିଛନ୍ତି। ପ୍ରହଲ୍ଲାଦ ଗରିବ ଭୂୟାଁ ଜନଜାତିର। ବିପିଏଲ କାର୍ଡଧାରୀ ହୋଇ ଘର ଖଣ୍ଡେ ପାଇବା ଉଦ୍ୟମ ଜାରି ରଖିଛନ୍ତି। ସରପଞ୍ଚ ଯୋଗେଶ ପ୍ରଧାନଙ୍କୁ ପଚାରିବାରୁ ଗ୍ରାମ ସଭାରେ ନାମ ନ ରହିଲେ ଯୋଜନାରୁ ପାଇବା କଷ୍ଟକର ହୋଇପଡୁଛି। ବିଡିଓ ଦିଲୀପ କୁମାର ବାରାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ ଯେ, ଏଭଳି ଅସହାୟ ପରିବାର ପାଇଁ ସ୍ୱତନ୍ତ୍ର ସହାୟତା ଦିଆଯିବା ଯୋଜନା ରହିଛି ।

## ଦୁଇ ଟ୍ରକ୍ ମୁହାଁମୁହିଁ: ଜଣେ ମୃତ, ୨ ଗୁରୁତର

କେନ୍ଦୁଝର, ୧୯।୮(ଡି.ଏନ୍.ଏ.)

ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥ ୨୦ର ଗୋପାଳପୁରଠାରେ ଦୁଇ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଆଉ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ କେନ୍ଦୁଝର ଏସ୍‌ପି ତଥା ଡିଆଇଜି ଜୟନାରାୟଣ ପଙ୍କଜ ନିଜେ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ସୂଚନା ମିଳିଛି। ସୋମବାର ଅପରାହ୍ନରେ ଦୁଇ ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଉଭୟ ଟ୍ରକର ଡ୍ରାଇଭର ଓ ହେଲପର ଗାଡିରେ ଚାପି ହୋଇ ରହିଯାଇଥିଲେ। ଏହି ସମୟରେ କେନ୍ଦୁଝର ଏସ୍‌ପି ଆନନ୍ଦପୁର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରୁ କେନ୍ଦୁଝର ଆଡକୁ ଫେରୁଥିଲେ। ଗୋଟିଏ ଟ୍ରକରେ ଚାପି ହୋଇଥିବା ଡ୍ରାଇଭର ପିତାମ୍ବର ମହାନ୍ତ ଏବଂ ହେଲପର ଶିରପାଣି ମୁଣ୍ଡାଙ୍କୁ ଉଦ୍ଧାର କରି ନିଜ ଗାଡିରେ ଆଣି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅନ୍ୟ ଟ୍ରକର ଡ୍ରାଇଭର ଦୁର୍ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବାରୁ ମୃତଦେହ ଉଦ୍ଧାର ପାଇଁ ଦମକଳବାହିନୀକୁ ସେଠାକୁ ପଠାଇଥିଲେ। ଏସ୍‌ପିଙ୍କ ଏଭଳି ମହତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଥିବାବେଳେ ମୃତ ଡ୍ରାଇଭରଙ୍କ ପରିଚୟ ମିଳିପାରିନାହିଁ।

# ୧୨୪ ଅଭିଯୋଗର ହେଲା ଶୁଣାଣି

ଆନନ୍ଦପୁର, ୧୯।୮(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶୁଭ୍ରବାଳା ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଠାକରେ, ଜିଲା ଆରକ୍ଷୀ ଅଧୀକ୍ଷକ ଜୟନାରାୟଣ ପଙ୍କଜ, ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଦ୍ୟୁତ କୁମାର ପଣ୍ଡାଙ୍କ ସମେତ ବହୁ ଜିଲା ଓ ଉପଖଣ୍ଡସ୍ତରୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୧୨୪ ଅଭିଯୋଗର ଶୁଣାଣି କରାଯାଇଥିଲା। ବିଶେଷ କରି ଏହି ଅଭିଯୋଗ ଶୁଣାଣିରେ ଭୂମିହୀନଙ୍କୁ ପଟ୍ଟା, କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା, ଭତ୍ତା, ଗୃହ ଆବାସ, ଜମିଜମା ଆଦି ସମ୍ପର୍କରେ ଅଭିଯୋଗମାନ ଉପସ୍ଥାପିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆନନ୍ଦପୁର ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ। ଜିଲାପାଳ ଏହାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ଶିବିରରେ ଜିଲାପାଳ ଅଭିଯୋଗ ଗ୍ରହଣ କରୁଛନ୍ତି।

# ଅସ୍ୱାସ୍ଥ୍ୟକର ପରିବେଶରେ ଜିଲା ମୁଖ୍ୟ ଡାକ୍ତରଖାନା

କେନ୍ଦୁଝର, ୧୯।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପରିସର ଉପଯୁକ୍ତ ସଫେଇ ହେଉନାହିଁ କିମ୍ବା ଏହାର ତଦାରଖ ହେଉ ନ ଥିବାରୁ ପରିସରରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଶୋଚନୀୟ ହୋଇପଡୁଛି । ବର୍ଷାଦିନରେ ପରିବେଶ ଅଧିକ ଦୂଷିତ ହୋଇପଡୁଥିବାରୁ ରୋଗୀମାନେ ଅସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ବାଧ ହେଉଛନ୍ତି। ଫଳରେ ଡାକ୍ତରଖାନା ପରିସରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ସରକାରଙ୍କ ନିର୍ମଳ ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ ଅବସ୍ଥାରେ ସୁଧାର ଆସୁନାହିଁ।

ପ୍ରକାଶ ଯେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପରିସରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଆଉଟସୋର୍ସିଂ ଜରିଆରେ ସଫେଇ କାମ ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଉଛି । ଏହି କାମର ତଦାରଖ କରିବା ପାଇଁ ସ୍ୱତନ୍ତ୍ର ଅଧିକାରୀ ତଥା ଡାକ୍ତରଖାନା ପ୍ରଶାସନ ରହିଛନ୍ତି। ଏଥିପାଇଁ ଆଗରୁ ପାଖାପାଖି ମାସକୁ ୨ ଲକ୍ଷ ଟଙ୍କା ବିନିଯୋଗ ହେଉଥିବା ବେଳେ ଏବେ ପାଖାପାଖି ୮ଲକ୍ଷ ଟଙ୍କା ବିନିଯୋଗ


ଡାକ୍ତରଖାନା ପରିସରରେ ମଇଳା ଓ ଆବର୍ଜନା।

ହେଉଥିଲେ ହେଁ ଡାକ୍ତରଖାନା ପରିସର ଓ ୱାର୍ଡ ପରିସର ଅବସ୍ଥା ଦେଖିଲେ କିପରି ବିନିଯୋଗ ହେଉଛି ତାହା ବେଶ୍ ଅନୁମାନ କରିହେବ। ଏଥିପାଇଁ ୪୨ ଜଣ କର୍ମଚାରୀ ଠିକା ସଂସ୍ଥା ନିୟୋଜିତ କରିଥିବା ବେଳେ ସୁପରଭାଇଜର ନିଯୁକ୍ତି କରିଥିବା ମଧ ଡାକ୍ତରଖାନା ପକ୍ଷରୁ ଜଣାପଡିଛି।

ସରକାରଙ୍କ ନିର୍ମଳ ଯୋଜନାରେ ଡାକ୍ତରଖାନାର ମଇଳା ଆବର୍ଜନା, ଡ୍ରେନ ସଫେଇ ଏବଂ ମଇଳା ଆବର୍ଜନା ପରିଚାଳନା ଆଦି କାମ କରାଯିବା କଥା। ଏପରିକି ଡାକ୍ତରଖାନା ଆଖପାଖରେ ବର୍ଷା ଯୋଗୁ ବହୁ ସ୍ଥାନରେ ପାଣି ଜମି ରହୁଥିବା ଏବଂ ଅନାବନା ଗଛର ଜଙ୍ଗଲକୁ ସଫା କରାଯାଉ ନ ଥିବାରୁ ମଶାମାଛିଙ୍କ ପ୍ରାଦୁର୍ଭାବ ବଢୁଛି। ସେହିପରି ବୁଲା କୁକୁର, ଗୋରୁ ତଥା ଛେଳି ମାନେ ଅବାଧ ପରିସରରେ ବୁଲୁଥିବାରୁ ଯାତାୟାତ ବ୍ୟାହତ ହେଉଛି। ମଇଳା ଆବର୍ଜନା ଜମା କରାଯାଉଥିବା ଆବର୍ଜନା ପରିଚାଳନା ପ୍ରକଳ୍ପରୁ ମଇଳା ଆବର୍ଜନା ନିୟମିତ ଉଠାଯାଉନାହିଁ । ଡ୍ରେନରେ ପାଣି ଓ ଆବର୍ଜନା ଜମା ହୋଇ ରହୁଥିବା, ନିୟମିତ ଉନ୍ନତମାନର ବ୍ଲିଚିଂ ପାଉଡର, ଫିନାଇଲ ଆଦି ପକା ଯାଉ ନ ଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଥିବା ରୋଗୀମାନେ ଅଭିଯୋଗ କରିଆସୁଛନ୍ତି। ସେହିପରି ଡାକ୍ତରଖାନା ପରିସୀମା ଓ ଶୌଚାଳୟକୁ ଲାଗିଥିବା ହୋଟେଲର ମଇଳା ଆବର୍ଜନା ଯୋଗୁ ପରିବେଶ ପ୍ରଦୂଷିତ ହେବା ସହ ଏଠାରେ ରୋଗୀଙ୍କ ସମ୍ପର୍କୀୟ ରୋଗଗ୍ରସ୍ତ ହେବା ସମ୍ଭାବନା ଥିଲେ ହେଁ ପଦକ୍ଷେପ ନିଆଯାଉନାହିଁ। ଚିକିତ୍ସା ପାଇଁ ଆସି ରୋଗୀ ଯଦି ପୁଣି ରୋଗରେ ପଡିବେ ତେବେ ନିର୍ମଳ ଯୋଜନା କିପରି ସୁଫଳ ଲାଭ କରିବ ବୋଲି ଆଇନଜୀବୀ ସନ୍ତୋଷ ସାହୁ କହିଛନ୍ତି। ଅଧିକ ସଂଖ୍ୟକ ସଫେଇ କର୍ମଚାରୀ ନିଯୁକ୍ତି ହୋଇଥିଲେ ହେଁ କିପରି ସଫେଇ ହେଉନାହିଁ ତାହା ତଦନ୍ତ କରିବା ଆବଶ୍ୟକ । ଏଣୁ ମୋ ସରକାର ଯୋଜନାରେ ଏଭଳି ସମସ୍ୟାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସିଡିଏମଓ ଦାୟିତ୍ୱରେ ଥିବା ଏଡିଏମଓ ଡାକ୍ତର ସୁଧାଂଶୁ ଶେଖର ବଳଙ୍କୁ ପଚାରିବାରୁ ଡାକ୍ତରଖାନା ପରିସରର ସଫେଇ କାମର ତଦାରଖ କରିବା ପାଇଁ ସୁପରଭାଇଜର ଅଛନ୍ତି। ରୋଗୀଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯିବ। କାମରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।